## 'ଭ୍ରମର ସମାପ୍ତି ହୋଇ ବ୍ରହ୍ମ ପ୍ରାପ୍ତି ମଣିଷ ଜୀବନର ଲକ୍ଷ୍ୟ'

ବାସୁଦେବପୁର, ୨୧।୩(କାଳିପଦ ରାୟ): ବାସୁଦେବପୁର ବ୍ଲକର ବାଲିମେଦ ଦୋଳ ପଡ଼ିଆରେ ଶନିବାର ସନ୍ଥ ନିରଙ୍କାରୀ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ପରମାତ୍ମାକୁ ଚିହ୍ନିବା, ଭ୍ରମର ସମାପ୍ତି ସହ ବ୍ରହ୍ମ ପ୍ରାପ୍ତି ମଣିଷ ଜୀବନର ମୂଳ ଲକ୍ଷ୍ୟ ବୋଲି କେନ୍ଦ୍ରାପଡ଼ା ଜିଲା ଆଜିର ମୁଖ୍ୟ ସୁରେନ୍ଦ୍ର ଗେଡି କହିଥିଲେ। ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, କଟକ, ଯାଜପୁର ଓ ନୟାଗଡ଼ ଜିଲାର ଶ୍ରଦ୍ଧାଳୁମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶୁଭ ନାରାୟଣ ବେହେରାଙ୍କ ଆବାହକତ୍ୱରେ ଏହି ସତ୍‌ସଙ୍ଗ ଆୟୋଜିତ ହୋଇଥିବା ବେଳେ ଭଦ୍ରକ ଜିଲା ମୁଖ୍ୟ ମନୋଜ କୁମାର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଲିମେଦ ସତ୍‌ସଙ୍ଗ କମିଟି ସଦସ୍ୟ ସହଯୋଗ କରିଥିଲେ।

# ଦାଉ ସାଧିଲା ବର୍ଷା: ମଣ୍ଡିରେ ଓଦା ହେଲା ଧାନ

ବନ୍ତ, ୨୧।୩(ହରିନାରାୟଣ ମହାନ୍ତି)

ବର୍ଷା ଯୋଗୁ ଶୁକ୍ରବାର ରାତିରେ ବନ୍ତ ବ୍ଲକର ବିଭିନ୍ନ ମଣ୍ଡିରେ ଧାନ ଓଦା ହୋଇଯାଇଛି। ମଣ୍ଡିରେ ଧାନବସ୍ତା ପଡ଼ି ରହିଥିବା ବେଳେ ବର୍ଷା ଦାଉ ସାଧିଛି। ଏହି ବ୍ଲକର ବିଭିନ୍ନ ମଣ୍ଡିରେ ଗତ ଜାନୁଆରୀ ୩ୟ ସପ୍ତାହରୁ ଖରିଫ୍ ଧାନକିଣା ଆରମ୍ଭ ହୋଇଥିଲା। ଚଳିତମାସ ୩୧ ପର୍ଯ୍ୟନ୍ତ ଧାନ କିଣା ଚାଲିବାକୁ ଥିବାବେଳେ ଏବେ ବିଭିନ୍ନ ମଣ୍ଡିରେ ବିକ୍ରୟ ପାଇଁ ଚାଷୀମାନେ ଧାନ ପକାଇଛନ୍ତି। ମାତ୍ର ମଣ୍ଡିକୁ ଆବଶ୍ୟକ ଟାର୍ଗେଟ ଆସିବାରେ ବିଳମ୍ବ ହେଉଥିବା ଯୋଗୁ ଧାନ କିଣାରେ ବିଳମ୍ବ ହେଉଛି। ଫଳରେ ମଣ୍ଡିରେ ଚାଷୀଙ୍କର ଶତାଧିକ କୁଇଣ୍ଟାଲ ଧାନ ବିକ୍ରି ହୋଇ ନ ପାରି ପଡ଼ିରହିଛି। ଏଭଳି ସ୍ଥିତିରେ ଶୁକ୍ରବାର ରାତିରେ ଅଦିନିଆ ବର୍ଷା ଯୋଗୁ ଖୋଲା ଆକାଶ ତଳେ ପଡ଼ିରହିଥିବା ଧାନ ବସ୍ତାଗୁଡ଼ିକ ଓଦା ହୋଇ ନଷ୍ଟ ହୋଇଥିବା ଦେଖାଯାଇଛି। ଏପରି ଏକ ନଜିର ଦେଖିବାକୁ ମିଳିଛି ପଧାନପଡ଼ା ସେବା ସମବାୟ ସମିତି ମଣ୍ଡିରେ। ପଧାନପଡ଼ା ଗ୍ରାମର ଚାଷୀ ସନୋଜ କୁମାର ସାହୁ ଗତ ସପ୍ତାହରେ ୮୫ କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ମଣ୍ଡିକୁ ଆଣିଥିଲେ। ଧାନ ବସ୍ତାଗୁଡ଼ିକୁ ପଲିଥିନ ଘୋଡ଼ାଇ ରଖିଥିବା ବେଳେ ବର୍ଷା ହେବା ଯୋଗୁ ପ୍ରାୟ ୧୫ କୁଇଣ୍ଟାଲ ଧାନ ଓଦା ହୋଇ ନଷ୍ଟ ହୋଇଯାଇଥିବା ସେ ପ୍ରକାଶ କରିଛନ୍ତି। ସେହିପରି ଏହି ମଣ୍ଡିରେ ଅନ୍ୟ କେତେଜଣ ଚାଷୀଙ୍କର ଧାନ ମଧ୍ୟ ଓଦା ହୋଇଯାଇଛି। ମଣ୍ଡିରେ ପଡ଼ି ରହିଥିବା ଧାନ ବସ୍ତାଗୁଡ଼ିକ କିପରି ସୁରକ୍ଷିତ ରହିପାରିବ ଏବଂ ସେଗୁଡ଼ିକୁ ତୁରନ୍ତ କିଣାଯିବା ନେଇ ଜିଲା ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।


ପଧାନପଡ଼ା ସମବାୟ ସମିତି ମଣ୍ଡିରେ ତଳେ ପାଣି ଜମି ଧାନ ବସ୍ତାଗୁଡ଼ିକ ଓଦା ହୋଇଯାଇଛି।

# ଗୋଦାମ ଅଛି, ଛାତ ନାହିଁ


ଛାତ ନ ଥିବା ଜାମଯୋଡ଼ି ସମବାୟ ସମିତି ଗୋଦାମ।

ତିହିଡ଼ି, ୨୧।୩ (ସଞ୍ଜିତ ବଳ)

■ଖରା, କାକରରେ ପଡ଼ିଛି ୮୭୮୨ କୁଇଣ୍ଟାଲ ଧାନବସ୍ତା
■ପୂରଣ ହେଉନି ଆବଶ୍ୟକ ଟାର୍ଗେଟ

ସମବାୟ ସମିତିରେ ଧାନ ବସ୍ତା ରଖିବାକୁ ଗୋଦାମ ଅଛି, ହେଲେ ଗୋଦାମର ଛାତ ନାହିଁ। ଫଳରେ ଚାଷୀମାନଙ୍କଠାରୁ କିଣା ଯାଇଥିବା ୮୭୮୨ କୁଇଣ୍ଟାଲ ଧାନ ବସ୍ତା ଖରା, କାକରରେ ପଡ଼ି ରହିଛି। ତିହିଡ଼ି ବ୍ଲକ ଅଧୀନ ଜାମଯୋଡ଼ି ସମବାୟ ସମିତିରେ ଏହି ସମସ୍ୟାକୁ ନେଇ ସମିତି କର୍ତ୍ତୃପକ୍ଷ ଏବଂ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାବ୍ୟତୀତ ସମିତିକୁ ମିଳିଥିବା ଟାର୍ଗେଟ ପୂରଣ ହେବାକୁ କିଛି ବାକିଥିବା ବେଳେ ଅଧିକ ୭୬୦୦ କୁଇଣ୍ଟାଲ ଟାର୍ଗେଟର ଆବଶ୍ୟକତା ରହିଛି। ଟାର୍ଗେଟ ପୂରଣ ହେଲେ ବାକିଥିବା ୨୧୫ଜଣ ଚାଷୀ ଧାନ ଦେଇପାରିବେ ବୋଲି ସମ୍ପାଦକ ରାଜେନ୍ଦ୍ର ବେହେରା ପ୍ରକାଶ କରିଛନ୍ତି।

ଜଣାଯାଇଛି ଯେ ଏହି ସମିତିରେ ମୋଟ ୬୨୫ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୧୦ ଚାଷୀ ଧାନ ଦେଇ ସାରିଛନ୍ତି। ସମିତିକୁ ମୋଟ ୨୨ହଜାର ୧୧୫ କୁଇଣ୍ଟାଲ ଟାର୍ଗେଟ ମିଳିଥିବା ବେଳେ ଚାଷୀମାନଙ୍କଠାରୁ ୧୯ହଜାର ୧୪୮କୁଇଣ୍ଟାଲ ଧାନ କିଣା ସରିଛି। ସମିତି ସହ ଟ୍ୟାଗ୍ ଥିବା ୨ଟି ରାଇସ୍ ମିଲ୍ ଏହାମଧ୍ୟରେ ୧୦ ହଜାର ୩୬୬ କୁଇଣ୍ଟାଲ ଧାନବସ୍ତା ଉଠାଇ ଥିବାବେଳେ ମଣ୍ଡିରେ ୮୭୮୨ କୁଇଣ୍ଟାଲ ଧାନବସ୍ତା ପଡ଼ିରହିଛି। ମିଲରମାନେ ନିୟମିତ ଧାନ ଉଠାଉ ନ ଥିବାରୁ ଏପ୍ରକାର ପରିସ୍ଥିତି ଉପୁଜିଥିବା ଦର୍ଶାଯାଇଛି। ତେବେ ମଣ୍ଡିରେ ଥିବା ସବୁ ଧାନବସ୍ତା ସମିତି ଗୋଦାମରେ ରଖାଯାଇଛି। ମାତ୍ର ଗୋଦାମର ଛାତ ନ ଥିବାରୁ ଧାନବସ୍ତାକୁ ସମିତି କର୍ତ୍ତୃପକ୍ଷ ଅସୁରକ୍ଷିତ ମଣୁଛନ୍ତି। ଅସରାଏ ବର୍ଷା ହେଲେ ଧାନବସ୍ତା ଭିଜିଯିବା ନିଶ୍ଚିତ ହୋଇଥିବାରୁ ଏହା ସେମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଏହି ପରିପ୍ରେକ୍ଷୀରେ ମଣ୍ଡିରେ ପଡ଼ିଥିବା ଧାନ ବସ୍ତା ସବୁକୁ ମିଲରମାନେ ତୁରନ୍ତ ଉଠାଇବା ଦିଗରେ ପଦକ୍ଷେପ ନିଆଯିବାକୁ ସମିତିର ପରିଚାଳନା କମିଟି କର୍ମକର୍ତ୍ତା ଓ ଚାଷୀମାନେ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲଙ୍କୁ ପଚାରିବାରୁ ବିଭିନ୍ନ ମଣ୍ଡିରେ ଗଚ୍ଛିତ ଥିବା ସବୁ ଧାନବସ୍ତା ଉଠାଇବାକୁ ମିଲରମାନଙ୍କୁ ପରାମର୍ଶ ଦିଆଯାଇଥିବା କହିଛନ୍ତି।

# ଷଣ୍ଢକୁ ବାନ୍ଧି ରଖିବା ନେଇ ଉତ୍ତେଜନା

ତିହିଡ଼ି, ୨୧।୩(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ଅଚକ ପଞ୍ଚାୟତ ବାଲିପାଳ ଗ୍ରାମରେ ଏକ ଛୋଟ ଷଣ୍ଢକୁ ବାନ୍ଧି ରଖାଯିବା ଘଟଣାକୁ ନେଇ ଶୁକ୍ରବାର ରାତିରେ ଉତ୍ତେଜନା ଦେଖାଦେଇଛି। ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ପୋଲିସ ନେଇ ସେହି ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ତେବେ ଉତ୍ତେଜନାକୁ ଦୃଷ୍ଟିରେ ରଖି ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନା ଅନୁଯାୟୀ, ଏହି ଗ୍ରାମର କେତେଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ଏକ ଛୋଟ ଷଣ୍ଢକୁ ଗୁହାଳରେ ବାନ୍ଧି ରଖିଥିବା ସ୍ଥାନୀୟ ମହରମପୁର ପଞ୍ଚାୟତର କେତେଜଣ ହିନ୍ଦୁ ସମ୍ପ୍ରଦାୟର ବ୍ୟକ୍ତି ଜାଣିବାକୁ ପାଇଥିଲେ। ପରେ କେତେଜଣ ବ୍ୟକ୍ତି ଉକ୍ତ ଗ୍ରାମକୁ ଯାଇ ବିଭିନ୍ନ ବ୍ୟକ୍ତିଙ୍କ ଗୁହାଳରେ ଷଣ୍ଢକୁ ଖୋଜିଥିଲେ। ଜଣେ ବ୍ୟକ୍ତିଙ୍କ ଗୁହାଳରେ ଷଣ୍ଢ ବନ୍ଧା ଯାଇଥିବା ଦେଖିବାକୁ ମିଳିଥିଲା। ଏଭଳି ଖୋଜାଖୋଜିକୁ ଅପରପକ୍ଷର କେତେଜଣ ବ୍ୟକ୍ତି ବିରୋଧ କରିବାରୁ ଉଭୟ ପକ୍ଷ ମଧ୍ୟରେ ଠେଲାପେଲା ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା। ଆଗକୁ ରାମ ନବମୀ ଉତ୍ସବ ଥିବାବେଳେ ଶନିବାର ଇଦ୍-ଉଲ୍-ଫିତର ପର୍ବ ଥିଲା। ଏହି ପରିପ୍ରେକ୍ଷୀରେ ଉତ୍ତେଜନା ବୃଦ୍ଧି ପାଇବା ଆଶଙ୍କା ଥିବାରୁ ଉକ୍ତ ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଆଇଆଇସି ଗ୍ରହାଚାର୍ଯ୍ୟ କହିଛନ୍ତି।

# ଦର୍ଶକଙ୍କୁ ବିମୋହିତ କଲା ଦିବ୍ୟାଙ୍ଗ କଳାକାରଙ୍କ ନୃତ୍ୟ


ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଦିଲ୍ଲୀର ଦିବ୍ୟାଙ୍ଗ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବାସୁଦେବପୁର, ୨୧।୩(କାଳିପଦ ରାୟ)

**କପିଳ ମୁନି ମହୋତ୍ସବ**

ବାସୁଦେବପୁର ବ୍ଲକ ଅଧୀନ ବିଦେଇପୁରଠାରେ କପିଳ ମୁନି ମହୋତ୍ସବ-୨୦୨୬ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଳାକାର ରାଧାକାନ୍ତ ମହାନ୍ତି ଓ ଅନ୍ୟତମ ଅତିଥି ଭାବେ କଳାକାର ପରମାନନ୍ଦ ଦାସ ଯୋଗ ଦେଇଥିଲେ। ଲଉଡ଼ି ନୃତ୍ୟ ଗବେଷଣା କେନ୍ଦ୍ରର ସମ୍ପାଦକ ଗୁରୁ ନିତ୍ୟାନନ୍ଦ ଦାସ ମଞ୍ଚ ପରିଚାଳନା କରିଥିଲେ। ଦିଲ୍ଲୀର ଦିବ୍ୟାଙ୍ଗ ନୃତ୍ୟଶିଳ୍ପୀ ତଥା ଇଣ୍ଡିଆ ଗଟ୍ ଟ୍ୟାଲେଣ୍ଟର ପ୍ରତିଯୋଗୀ ଉଇ ଆର୍ ୱାନ୍ ଟ୍ରୁପ୍‌ର କଳାକାରମାନେ ଗଣେଶ ବନ୍ଦନା, ଭାରତୀୟ କ୍ଲାସିକାଲ ସଙ୍ଗୀତ ଉପରେ ହୁଇଲ ଚେୟାରରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଭଦ୍ରକ ଓଡ଼ିଶୀ ସ୍କୁଲର ଛାତ୍ରୀଛାତ୍ର ଗୁରୁ ଶ୍ୱେତପଦ୍ମା ଦାସଙ୍କ ସହ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ଆସାମର ବିହୁ ନୃତ୍ୟ ପରିବେଷଣ କରାଯାଇଥିଲା। ଦିଲ୍ଲୀର ଦିବ୍ୟାଙ୍ଗ କଳାକାର ଏବଂ କଳାକାର ରାଧାକାନ୍ତ ମହାନ୍ତିଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ରାଜେନ୍ଦ୍ର କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ରାମ ନବମୀ ଉପଲକ୍ଷେ ଏକତା ଦୌଡ଼




ଆଗରପଡ଼ା, ୨୧।୩(ସୁଶାନ୍ତ ଦାସ)

ଶ୍ରୀରାମ ନବମୀ ଉପଲକ୍ଷେ ଆଗରପଡ଼ାଠାରେ ଶନିବାର ଏକ ବିଶାଳ 'ଏକତା ଦୌଡ଼' ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ନବମୀ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ରାଷ୍ଟ୍ରପ୍ରେମୀ ଯୁବକ ସାମିଲ ହୋଇ ହିନ୍ଦୁ ଏକତା ବାର୍ତ୍ତା ବାଣ୍ଟିଛନ୍ତି। ଚଳିତବର୍ଷ ଶ୍ରୀରାମ ନବମୀ ମହୋତ୍ସବ ୮ମ ବର୍ଷରେ ପଦାର୍ପଣ କରିଥିବା ବେଳେ ଏହି ଏକତା ଦୌଡ଼ ଦ୍ୱିତୀୟ ବର୍ଷରେ ପହଞ୍ଚିଛି। ଆଗରପଡ଼ା ଥାନାଧିକାରୀ ରାଜେଶ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଦୌଡ଼ର ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରୀୟ ଏକତା ଓ ସାମାଜିକ ସଦ୍‌ଭାବନାକୁ ସୁଦୃଢ଼ କରିବା ଏହି ଦୌଡ଼ର ମୂଳ ଲକ୍ଷ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଜୟ ଶ୍ରୀରାମ ଧ୍ୱନି ଏବଂ ରାଷ୍ଟ୍ରୀୟ ଏକତାର ନାରାରେ ଆଗରପଡ଼ା ବଜାର ପ୍ରକମ୍ପିତ ହୋଇଉଠିଥିଲା। କମିଟିର ସଭାପତି ତୃପ୍ତିରଞ୍ଜନ ଦାଶ, ସମ୍ପାଦକ ବାବୁରାମ ବେହେରା, ଉପଦେଷ୍ଟା ଜ୍ଞାନଚାନ୍ଦ ଗୁପ୍ତା, ଭାସ୍କର ଦାସ, ସର୍ବଜିତ ପଣ୍ଡା, ଅତିଶ ପଣ୍ଡା, ରାଜୀବ ଲୋଚନ ରାୟ, ଜିତେନ୍ଦ୍ର ଶତପଥୀ, ସୁଶାନ୍ତ ଦାସ, ଦିଲୀପ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଅଶୋକ ପରିଡ଼ା, ହିମାଦ୍ରୀ ମହାନ୍ତି, ସନତ ତ୍ରିପାଠୀ, ଦିବ୍ୟ ଆକାଶ ପୁହାଣ, ମହେଶ୍ୱର ଦାସ, ବିଶ୍ୱଜିତ ମହାପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଓ ଜନସାଧାରଣ ସାମିଲ ଏଥିରେ ଥିଲେ।

# ବିଶ୍ୱ ଖାଉଟି ଅଧିକାର ଦିବସ

ଭଦ୍ରକ, ୨୧।୩(ରବିନାରାୟଣ ଖିଲାର)

ଭଦ୍ରକ ଚରମ୍ପାସ୍ଥିତ ଅବନ୍ତିକା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ ହୋଇଯାଇଛି। ଭଦ୍ରକ ଉପ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ ଓ କଳିଙ୍ଗ ବିକାଶ ପରିଷଦର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ପ୍ରୀତିସ୍ୱିନୀ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଖାଉଟିମାନଙ୍କ ଅଧିକାର ସମ୍ବନ୍ଧରେ ସଚେତନତା ବୃଦ୍ଧିର ଆବଶ୍ୟକତା ଉପରେ ସେ କହିବା ସହ ଠକାମିରୁ ବଞ୍ଚିବା ପାଇଁ ସମସ୍ତଙ୍କୁ ସଚେତନ ଓ ସଜାଗ ରହିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବନ୍ତିକା ମହାବିଦ୍ୟାଳୟର ସଭାପତି ଅମିତ କୁମାର ମଲ୍ଲିକ ଅନ୍‌ଲାଇନ କ୍ରୟବିକ୍ରୟ ସମୟରେ ଲୋଭରେ ପଡ଼ି ଲୋକେ କିପରି ଠକାମିର ଶିକାର ହେଉଛନ୍ତି, ନେନେଇ ସଚେତନ ରହିବାକୁ କହିଥିଲେ। ସହକାରୀ ନିୟନ୍ତ୍ରକ ସୁଦର୍ଶନ ଝୁଣ୍ଟୁ ବିଭିନ୍ନ ଓଜନ କଣ୍ଟାର ପ୍ରଦର୍ଶନୀ ମାଧ୍ୟମରେ ମାପର ସଠିକତା ବିଷୟରେ ଅଲୋକପାତ କରିଥିଲେ। କଳିଙ୍ଗ ବିକାଶ ପରିଷଦର ସମ୍ପାଦକ ବ୍ରଜଗୋପାଳ ଦାସ, ଆଇନଜୀବୀ ଦେବେନ୍ଦ୍ର କୁମାର ପଣ୍ଡା, ସହସମ୍ପାଦକ ଶୁଭେନ୍ଦୁ ବିଶ୍ୱାଳ, ମନିଷା ଦାଶ, ପୂଜାରାଣୀ ଦାସ, ଗିରିଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶା ନିବାରଣ ଉପରେ ଗୁରୁତ୍ୱ


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ଧୁଷୁରୀ, ୨୧।୩ (ଦୀପ୍ତି ରଞ୍ଜନ ନାୟକ)

ଧାମନଗର ବ୍ଲକ ପାଳସାହିସ୍ଥିତ ବାବାମଣି ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାରେ ୭ ଦିନିଆ ପ୍ରଶିକ୍ଷଣ ଶିବିରର ୫ମ ଦିବସରେ ଶନିବାର ଅପରାହ୍ନ ୫ଟାରେ ନିଶା ନିବାରଣ ସଚେତନତା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବରିଷ୍ଠ ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ଅଧ୍ୟକ୍ଷତା କରିଥିଲେ। ଧୁଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ମୁଖ୍ୟଅତିଥି, ନିଶା ନିବାରଣ ସଙ୍ଗଠନର ରାଜ୍ୟ ସମ୍ପାଦକ ସନ୍ତୋଷ ଦାସ, ଜିଲା ସମ୍ପାଦକ ରତିକାନ୍ତ ନାୟକ, ଧାମନଗର ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରାର୍ଥୀମାନେ ସ୍ୱତଃପ୍ରବୃତ୍ତ ଭାବେ ନିଶାଠାରୁ ଦୂରେଇ ରହିବାକୁ ଶପଥ ନେବା ଉଚିତ ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପିକା ମାନସୀ ସାହୁ, ଅଧ୍ୟାପକ ଶିବପ୍ରସାଦ ସାହୁ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ସେବା ଯୋଜନା ଅଧିକାରୀ ଅଧ୍ୟାପକ ବିଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଦ୍-ଉଲ୍-ଫିତର: ୧୪୬ ମସ୍‌ଜିଦ୍‌ରେ ସମୂହ ନମାଜପାଠ

ଭଦ୍ରକ, ୨୧।୩(ସନାତନ ରାଉତ)

ଭଦ୍ରକ ସହରରେ ଶନିବାର ପବିତ୍ର ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ଭଦ୍ରକ ପୁରୁଣାବଜାରସ୍ଥିତ ଜାମା ମସ୍‌ଜିଦ୍‌ରେ ସକାଳ ୯ଟା ୧୫ ଓ କୁଆଁସ କଦମବେଡ଼ାସ୍ଥିତ ଇଦ୍‌ଗାହଠାରେ ସକାଳ ୯ଟା ୩୦ରେ ନମାଜ ପାଠ କରାଯାଇଥିଲା। ଜିଲାରେ ୧୪୬ଟି ମସ୍‌ଜିଦ୍‌ରେ ଇସ୍‌ଲାମ ଧର୍ମାବଲମ୍ବୀମାନେ ନୂତନ ବସ୍ତ୍ର ପରିଧାନ କରି ସମୂହ ନମାଜ ପାଠ କରିଥିଲେ। ଜାମା ମସ୍‌ଜିଦ୍‌ରେ ହାଫିଜ ଓକାରୀ ମହମ୍ମଦ ସାଦିକ ହୋସେନ ଏବଂ ଇଦ୍‌ଗାହରେ ହାଫିଜ ଅବଦୁଲ ଦୟାନ ନମାଜ ପାଠ କରାଇବା ସହ ନୀତିନିଷ୍ଠ ଜୀବନଯାପନ ପାଇଁ ପରାମର୍ଶ ଦେଇଥିଲେ। ନମାଜପାଠ ପରେ ଉଭୟ ହିନ୍ଦୁ ଓ ମୁସ୍‌ଲିମ୍ ସମ୍ପ୍ରଦାୟର ବ୍ୟକ୍ତିମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ରମ୍‌ଜାନର ରୋଜା ଅର୍ଥ କେବଳ ଉପବାସ ନୁହେଁ, ଈଶ୍ୱରଙ୍କ ସାନିଦ୍ଧ ଲାଭ ପାଇଁ ଭୋକିଲା ରହିବାକୁ ପଡ଼େ। ଇଦ୍ ପର୍ବ ଖୁସି, ତ୍ୟାଗ ଓ ଦାନର ପ୍ରତୀକ ବୋଲି ମୁସ୍‌ଲିମ୍ ଜମାତର ମିଡିଆ ସେଲ୍ ସଂଯୋଜକ ଶେଖ ଅନୱର କହିଛନ୍ତି। ସହର ଓ ଗ୍ରାମାଞ୍ଚଳର ସମସ୍ତ ମସ୍‌ଜିଦକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ଜାମା ମସ୍‌ଜିଦ୍‌ଠାରେ ମସ୍‌ଜିଦ୍ ସଭାପତି ହାଜି କାସିମ ଖାନ, ସମ୍ପାଦକ ଶେଖ୍ ହାଫିଜୁଲ୍ଲା, ମୁସ୍‌ଲିମ୍ ଜମାତର ସାଧାରଣ ସମ୍ପାଦକ ହାଜୀ ଇନାମ ମହମ୍ମଦ, ଇଦ୍‌ଗାହଠାରେ ମୁସ୍‌ଲିମ୍ ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲା, ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ହାଜି କୈୟୁମ ସାହା, ଅସରଫ ଅଲି ଖାନ, ମିର୍ଜା ଏକ୍ରାମ ବେଗ, ଜମିଲ ଅଖତର ଖାନ, ଅଖତର ଅଲି ଖାନ, ଶେଖ୍ ନଇମ ପ୍ରମୁଖ ଉପସ୍ଥିତ ଥିଲେ। ଭଦ୍ରକ ବିଧାୟକଙ୍କ ପ୍ରତିନିଧି ଶେଖର ମହାପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, କଂଗ୍ରେସ ଜିଲା ସଭାପତି ନଳିନୀ ମହାନ୍ତି, କଂଗ୍ରେସ ନେତା ଅସିତ୍ ପଟ୍ଟନାୟକ, ଦିଲୀପ ନାୟକଙ୍କ ସମେତ ବହୁ ରାଜନୈତିକ ନେତୃବୃନ୍ଦ ଉପସ୍ଥିତ ରହି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅରୂପ ଅଭିଷେକ ବେହେରା, ସିଟି ଡିଏସ୍‌ପି ଅନୀଲ ପ୍ରଧାନ, ପୁରୁଣାବଜାର ଥାନା ଅଧିକାରୀ ସୁଶାନ୍ତ ସାହୁ, ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ୧୪ ପ୍ଲାଟୁନ ଫୋର୍ସ ମୁତୟନ ଥିଲା।


କୁଆଁସ କଦମବେଡ଼ାସ୍ଥିତ ଇଦ୍‌ଗାହଠାରେ ନମାଜ ପାଠ କରାଯାଉଛି।

# ବିଭିନ୍ନ ସ୍ଥାନରେ ପାଳିଲେ ଇଦ୍

ଧାମନଗର/ ବାସୁଦେବପୁର/ ଭଣ୍ଡାରିପୋଖରୀ, ୨୧।୩(ଦେବେନ୍ଦ୍ର ଆଚାର୍ଯ୍ୟ/ଦୀନକୃଷ୍ଣ ମହାପାତ୍ର/ ନାରାୟଣ ପ୍ରସାଦ ବାରିକ୍/ ରାଜେନ୍ଦ୍ର ଶତପଥୀ)



ଧାମନଗର ବ୍ଲକ ଓ ସହରାଞ୍ଚଳରେ ଶନିବାର ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ହଜାର ହଜାର ସଂଖ୍ୟାରେ ମୁସଲମାନ ଭାଇମାନେ ନୂତନ ବସ୍ତ୍ର ପରିଧାନ କରି ଧାମନଗରସ୍ଥିତ ଇଦ୍‌ଗା ମଇଦାନରେ ସମବେତ ହୋଇଥିଲେ। ସକାଳ ୮ଟା ୩୦ରେ ସମୂହ ନମାଜ ପାଠ କରାଯାଇଥିଲା। ଧାମନଗର ଖାନକାସରିଫର ନୂତନ ମତୱଲି ଅଲହାଜ ସୟଦ ହବିବ ରଜା ହବିବି ସମବେତ ମୁସଲମାନ ଭାଇମାନଙ୍କୁ ନମାଜପାଠ କରାଇ ଧର୍ମୀୟ ଉଦ୍‌ବୋଧନ ଦେଇଥିଲେ। ଏହାପରେ ଇଦ୍‌ଗା ମୈଦାନରୁ ଏକ ସୁସଜ୍ଜିତ ଗାଡ଼ିରେ ମତୱଲ୍ଲିଙ୍କୁ ଶୋଭାଯାତ୍ରାରେ ଖାନ୍‌କାସରିଫ୍ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ଭକ୍ତମାନେ ପୀର ବାବା ହଜୁର ମୁଜାହିଦ-ଏ-ମିଲ୍ଲତଙ୍କ ଆସ୍ତାନରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସରୋଜ ମହାପାତ୍ର, କଂଗ୍ରେସର ବ୍ଲକ ସଭାପତି ରମେଶ ଚନ୍ଦ୍ର ବେହେରା, ନଗର ସଭାପତି ପ୍ରମୋଦ ସ୍ୱାଇଁ ପ୍ରମୁଖ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଦୋବଲ, ମୁସ୍ତଫାପୁର, ଚୁଡ଼ାକୁଟି, ବୟାଙ୍ଗଡିହ, ପିତେଇପୁର, ନଦୀଗାଁ ଆଦି ସ୍ଥାନରେ ଇଦ୍ ପାଳନ କରାଯାଇଥିଲା। ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଧାମନଗର ଥାନା ଆଇଆଇସି ଶୁଭ୍ରଜିତ ଦାଶ, ଧୁଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ତଦାରଖ କରାଯାଇଥିଲା। ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ବାସୁଦେବପୁରରେ ଇଦ୍ ପାଳନ କରାଯାଇଛି। ପୌରପାଳିକାର ସାବରପୁର ଗ୍ରାମରେ ଥିବା ବଡ଼ ମସ୍‌ଜିଦ୍ ପଡ଼ିଆରେ ନମାଜ ପାଠ କରାଯାଇଥିଲା। ନିକଟସ୍ଥ ମଜାର ଓ ମସ୍‌ଜିଦ୍‌ରେ ଭିଡ଼ ପରିଲକ୍ଷିତ ହୋଇଥିଲା। ନମାଜ ପାଠ ପରେ ବିଧାୟକ ଅଶୋକ କୁମାର ଦାସଙ୍କ ସମେତ କଂଗ୍ରେସ କର୍ମୀ, ବିଜେଡିର ପୂର୍ବତନ କାଉନସିଲର ମାନସ ସାହୁ, କାଳନ୍ଦୀ ସାହୁ, ଉପନଗରପାଳ ଉତ୍ତମ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ। ସେହିପରି ବାସୁଦେବପୁର ସହର ନିକଟସ୍ଥ ହାଟସାଗର, ବାସୁଦେବପୁର, ସୁକଦେବପୁର, ନରସିଂହପୁର, ଅଲବଗା ଆଦି ସ୍ଥାନରେ ଇଦ୍ ପାଳନ କରାଯାଇଛି। ଭଣ୍ଡାରିପୋଖରୀର ବିଭିନ୍ନ ମସଜିଦ୍‌ରେ ଇଦ୍ ପାଳିତ ହୋଇଛି। ମଢ଼ିଆଳିସ୍ଥିତ ମସ୍‌ଜିଦ୍‌ରେ ସର୍ଦ୍ଦାର ଜବାର ଖାଁଙ୍କ ନେତୃତ୍ୱରେ ସାମୂହିକ ନମାଜ ପାଠ କରାଯାଇଥିଲା। ଦେଓପଦାର ଖସାପଦି ମସ୍‌ଜିଦ୍‌ରେ ସର୍ଦ୍ଧାର ଜବାର ଖାଁ ଓ ମୌଲବୀ ଶେଖ୍ ଆସିଫ ରହମାନଙ୍କ ନେତୃତ୍ୱରେ ସକାଳେ ସମୂହ ନମାଜ ପାଠ, ପୀରବାବାଙ୍କଠାରେ ନୂତନ ଚାଦର ଅର୍ପଣ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା।

# ଅଷ୍ଟମ ଶ୍ରେଣୀ ଛାତ୍ରୀ ନିଖୋଜ

ବାରିପଦା, ୨୧।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ତଥା ବାରିପଦା ବ୍ଲକ ଅଧୀନ ବଡଯୋଡ ମଇ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ(୧୪) ବୁଧବାରଠାରୁ ନିଖୋଜ ଅଛନ୍ତି। ଏନେଇ ଛାତ୍ରୀଙ୍କ ଅଭିଭାବକ କୃଷ୍ଣଚନ୍ଦ୍ରପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଛାତ୍ରୀଜଣଙ୍କ ବାପା ଅନ୍ୟତ୍ର କାର୍ଯ୍ୟ କରିବାକୁ ଯାଇଥିବା ବେଳେ ମା' ମହୁଲ ଫୁଲ ଗୋଟାଇବାକୁ ଯାଇଥିଲେ। ଦ୍ୱିପ୍ରହରରେ ଘରକୁ ଫେରିବା ବେଳେ ଝିଅ ଘରେ ନ ଥିବା ଜାଣିବାକୁ ପାଇଥିଲେ। ଚାରିଆଡେ ଖୋଜାଖୋଜି କରି ନ ପାଇବାରୁ ଗୁରୁବାର ପୋଲିସ ପାଖରେ ଅଭିଯୋଗ କରିଥିଲେ। ତେବେ ନିଖୋଜର ୪ଦିନ ବିତିଥିଲେ ହେଁ କୌଣସି ପତ୍ତା ମିଳିନାହିଁ।

# ଶିମିଳିପାଳରେ ବର୍ଷା, ବନାଗ୍ନିରୁ ମିଳିଲା ଆଶ୍ୱସ୍ତି

## ସର୍ବନିମ୍ନ ତାପମାତ୍ରା ୧୩ଡିଗ୍ରୀ

ବାରିପଦା, ୨୧।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ବର୍ଷା ପାଇଁ ବନାଗ୍ନିରୁ ଆଶ୍ୱସ୍ତି ମିଳିଛି । ଶୁକ୍ରବାର ରାତି ଶିମିଳିପାଳ ଅଭୟାରଣ୍ୟ ନଅାଁଣା ରେଞ୍ଜରେ ସର୍ବାଧିକ ୪୬.୨ମି.ମି. ବର୍ଷା ହୋଇଥିବା କେନ୍ଦୁମୁଣ୍ଡିରେ ସର୍ବନିମ୍ନ ୨.୫୪ ମି.ମି. ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁ ତାପମାତ୍ରା ମଧ ସାମାନ୍ୟ ହ୍ରାସ ପାଇ ଚହଲା ଓ ଉପରବାରହାକାମୁଡାରେ ସର୍ବନିମ୍ନ ତାପାମତ୍ରା ୧୩ଡିଗ୍ରୀକୁ ଖସିଆସିଥିବା ନେଇ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବାରିପଦା ସର୍କଲର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି।

ଚଳିତବର୍ଷ ବନାଗ୍ନିକୁ ରୋକିବା ପାଇଁ ବନବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସଚେତନତାମୂଳକ କାର୍ଯ୍ୟ କରିବା ସହ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରାଯାଉଛି। ଏପରି ସ୍ଥଳେ ଶିମିଳିପାଳ ଅଭୟାରଣ୍ୟ ସମେତ ଜିଲାର ବିଭିନ୍ନ ସ୍ଥାନରେ ଲଗାତାର ତିନିଦିନ ଧରି ବର୍ଷା ହେଉଛି। ଶୁକ୍ରବାର ଶିମିଳିପାଳର ବାରିପଦା ରେଞ୍ଜରେ ୮.୩୮୨ମି.ମି., ପିଠାବଟାରେ ୪.୫୭୨ମି.ମି., ବଡ଼ଗାଁ ରେଞ୍ଜରେ ୨.୭୯୪ମି.ମି., ଢୁକୁରାରେ ୧୩.୨୦୮ମି.ମି., ପୋଡାଡିହାରେ ୨୯.୨୧ମି.ମି., ଭଦସାରେ ୩୬.୩୨୨ମି.ମି., ଉପର ବାରହାକାମୁଡାରେ ୨୭.୬ମି.ମି., ଜେନାବିଲରେ ୩୫.୩୦୬ମି.ମି., କୁଲିପାଳରେ ୧୭.୨୭୨ମି.ମି., କବାଟଘାଇରେ ୧୧.୪୩ମି.ମି., ବୁଢାବଲଙ୍ଗରେ ୧୧.୨ମି.ମି., ବରେହିପାଣିରେ ୧.୭୭୮ମି.ମି., ଚହଲାରେ ୨୭.୨ମି.ମି., ରାମତୀର୍ଥରେ ୩.୫୫୬ମି.ମି., ଠାକୁରମୁଣ୍ଡାରେ ୭.୬୨ମି.ମି . ଓ ସାତକୋଶିଆରେ ୧୨.୭ମି.ମି. ବର୍ଷା ରେକର୍ଡ କରାଯାଇଛି। ଏହାଦ୍ୱାରା ତାପମାତ୍ରାରେ ମଧ ସାମାନ୍ୟ ପରିବର୍ତ୍ତନ ହୋଇଛି । ଉପରବାହରହାକାମୁଡା ଓ ଚହଲାରେ ସର୍ବନିମ୍ନ ତାପମାତ୍ରା ୧୩ଡିଗ୍ରୀ ରହିଥିବା ବେଳେ ଗୁଡୁଗୁଡିଆରେ ୧୬, ବରେହିପାଣିରେ ୧୫ ଡିଗ୍ରୀ, ରାମତୀର୍ଥରେ ୧୮ଡିଗ୍ରୀ ଓ କିଆଝରୀରେ ୧୯ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଶନିବାର ମେଘୁଆ ପାଗ ରହିଥିବା ବେଳେ ପ୍ରକୃତିର ଅବଦାନ ଯୋଗୁ ବାନଗ୍ନି ପ୍ରଶମିତ ହୋଇପାରିବ ବୋଲି ପରିବେଶବିତ୍‌ମାନେ ଖୁସିପ୍ରକଟ କରିଛନ୍ତି।

# ହିନ୍ଦୀ ବିଭାଗର ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅଧକ୍ଷ ଓ ଅନ୍ୟମାନେ।

ବାରିପଦା,୨୧।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ହିନ୍ଦୀ ବିଭାଗ ପକ୍ଷରୁ 'ପ୍ରଗତିବାଦୀ କାବ୍ୟଧାରା ମେଁ ସର୍ବହରା ବର୍ଗ କି ସଂଘର୍ଷ' ଶୀର୍ଷକରେ ଏକ ଦ୍ୱିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଆଲୋଚକ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ମୁଖ୍ୟ ଡ. ଅଭିଷେକ ଶର୍ମା ଯୋଗଦେଇ ପ୍ରସଙ୍ଗ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ବିଭାଗୀୟ ମୁଖ୍ୟ ଦୁର୍ଗାବତୀ ହାଁସଦା କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆଭିମୁଖ୍ୟ ରଖିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି ପ୍ରସଙ୍ଗରେ ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା। ଅତିଥି ଅଧାପିକା ଅନୁଜା ପଣ୍ଡା ମଞ୍ଚ ସଞ୍ଚାଳନ କରିଥିଲେ। ଅଧାପକ କୃଷ୍ଣ ସିଂ ଅନ୍ୟତମ ଆଲୋଚକ ଭାବେ ନିଜର ଅଭିବ୍ୟକ୍ତି ରଖିଥିଲେ। ଅତିଥି ଅଧାପିକା ପ୍ରିୟଙ୍କା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଉତ୍ତମ ଅଭ୍ୟାସ କର୍ମଶାଳା

ବାରିପଦା,୨୧।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ହାଣ୍ଡିକାପ ଇଣ୍ଟରନ୍ୟାଶନାଲ ଓ ଇଉରୋପୀୟ ୟୁନିୟନ ସହାୟତାରେ ସାଧନା ଦ୍ୱାରା ପ୍ରଚଳିତ ସମହିତା ପ୍ରକଳ୍ପ ମାଧ୍ୟମରେ ମୟୂରଭଞ୍ଜ ଜିଲା ସ୍ତରୀୟ ଦିବ୍ୟାଙ୍ଗ ସଂଗଠନ ଆନୁକୂଲ୍ୟରେ ଉତ୍ତମ ଅଭ୍ୟାସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ସାଧନାର ସମସ୍ତ କର୍ମକର୍ତ୍ତା, ଦିବ୍ୟାଙ୍ଗ ସଙ୍ଗଠନର ପଞ୍ଚାୟତସ୍ତରୀୟ ଓ ଜିଲାସ୍ତରୀୟ ସଦସ୍ୟ, ଆଞ୍ଚଳିକ ଅଣଅନୁଷ୍ଠାନିକ ସଙ୍ଗଠନ, ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ଅଙ୍ଗନୱାଡି କର୍ମକର୍ତ୍ତା ଯୋଗ ଦେଇଥିଲେ। ସାଧନାର ପ୍ରକଳ୍ପ ସଂଯୋଜିକା ସ୍ୱର୍ଣ୍ଣଜିତ କୁମାରୀ ମହାପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ଅତିଥି ଭାବେ ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ପ୍ରାଣୀ ଚିକିତ୍ସାଳୟର ଅତିରିକ୍ତ ଅଧିକାରୀ ଡା. ଦେବବ୍ରତ ଦାସ, ଡିପିଏମ (ଜାତୀୟ ସ୍ୱାସ୍ଥ୍ୟ ମିଶନ) ଅଧିକାରୀ ଅନୀଲ କୁମାର ମହାନ୍ତି, ଶୁଳିଆପଦା ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ମୁର୍ମୁ ଯୋଗଦାନ କରିଥିଲେ। ସାଧନାର ନିର୍ଦ୍ଦେଶକ ପ୍ରଭାକର ସାହୁ ଉତ୍ତମ ଅଭ୍ୟାସ ଯାହା ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ସାଙ୍ଗଠନିକ ଦକ୍ଷତା ବୃଦ୍ଧିର ଉତ୍ସ ବିଷୟରେ ଲକ୍ଷ୍ୟ ଉପସ୍ଥାପନ କରିଥିଲେ। ସମହିତା ପ୍ରକଳ୍ପ କାର୍ଯ୍ୟରତ ୬ଟି ଜିଲାରୁ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଜୀବିକା, ପଦ୍ଧତିରୁ ସଂଗୃହୀତ ୩୫ଟି ଭଲ ଅଭ୍ୟାସ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଶେଷରେ ଲିଙ୍ଗ ବିଶେଷଜ୍ଞ ଶୁଭ ଉପାସନା ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଅଭ୍ୟାସ କର୍ମଶାଳାରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ଜିଲାସ୍ତରୀୟ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା



ଆଇନ ପ୍ରଶିକ୍ଷଣ କର୍ମଶାଳାରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବାରିପଦା,୨୧।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ବାରିପଦା ପକ୍ଷରୁ ଜିଲାସ୍ତରୀୟ ସୂଚନା ଅଧିକାର ଆଇନ-୨୦୦୫ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ସ୍ଥାନୀୟ ଜିଲାପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ବିଶେଷ ଅତିଥି ଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ସୂଚନା ଅଧିକାର ଆଇନ ଉପରେ ବିଶେଷ ମତ ରଖିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁୟା ପ୍ରଶିକ୍ଷଣ କର୍ମଶାଳାର ଉଦ୍ଦେଶ୍ୟ ଉପରେ ସମ୍ୟକ ସୂଚନା ଦେବା ସହ ସମସ୍ତ ପ୍ରଶିକ୍ଷାର୍ଥୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ସୂଚନା ଅଧିକାର ଆଇନ ବିଶେଷଜ୍ଞ ରଶ୍ମିରଞ୍ଜନ ରାଉତ ଆଇନର ବିଭିନ୍ନ ଧାରା, ଆବେଦନ, ସମୟସୀମା ମଧରେ ତଥ୍ୟ ପ୍ରଦାନ, ସରକାରୀ ୱେବସାଇଟରେ ସ୍ୱେଚ୍ଛାକୃତ ଭାବେ ନିଜସ୍ୱ କାର୍ଯ୍ୟାଳୟର ୧୭ ପରିଶିଷ୍ଟ ତଥ୍ୟାବଳୀକୁ ନିୟମିତ ଅପଡେଟ, ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଓ ଅନୁସରଣ କରାଯାଉଥିବା ତଥ୍ୟ ଆଇନଗତ ପ୍ରକ୍ରିୟା, ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥ ରାଶି ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଖାତା, ତୃତୀୟ ପକ୍ଷ ଅଡିଟ ଉପରେ ବିଶେଷ ଆଲୋଚନା କରିଥିଲେ। ଏହାସହ ପିପିଆଇଟି ମାଧ୍ୟମରେ ପ୍ରଦର୍ଶିତ କରି ତାଲିମ ଦେଇଥିଲେ। ଏହି କର୍ମଶାଳାରେ ଜିଲାସ୍ତରୀୟ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ, ସହ ଜନସୂଚନା ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ରହି ସୂଚନା ଅଧିକାର ଆଇନ ଉପରେ ପ୍ରଶିକ୍ଷଣ ନେଇଥିଲେ। ଏହି ଅବସରରେ ସୂଚନା ଅଧିକାର ଆଇନ ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ତର୍କ ପ୍ରତିଯୋଗିତାର ସଫଳ ହୋଇଥିବା ପ୍ରବୀଣ ପ୍ରଧାନ (୧ମ), ଜ୍ୟୋତିପ୍ରକାଶ ଶତପଥୀ(୨ୟ), ଶୁଭସ୍ମିତା ମହାନ୍ତ(୩ୟ) ଏବଂ ଇଂରାଜୀ ତର୍କ ପ୍ରତିଯୋଗିତାରେ ପ୍ରତ୍ୟୁଷା ପାଢ଼ୀ (୧ମ), ପ୍ରତୀକ୍ଷା ପ୍ରିୟଦର୍ଶିନୀ ପଣ୍ଡା (୨ୟ), ସ୍ୱୟଂପ୍ରଭା ବେହେରା(୩ୟ)ଙ୍କୁ ପ୍ରମାଣପତ୍ର ଓ ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ।

# ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକାଙ୍କୁ ବଳାତ୍କାର, ଅଶ୍ଳୀଳ ଫଟୋ ପ୍ରଘଟ ମାମଲା

ବାରିପଦା, ୨୧।୩ (ନିଳାଦ୍ରୀ ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶୁକ୍ରବାର ଏକ ସମ୍ବେଦନଶୀଳ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ତତ୍‌ସହିତ ୨ଲକ୍ଷ ଟଙ୍କା ଜରିମାନା ଅନାଦେୟ ୨ବର୍ଷ ୬ମାସ ଅଧିକ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଅଭିଯୁକ୍ତ ହେଲେ ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଜାମଦା ଗ୍ରାମର ଲେମ୍ବା ଓରଫ ଧନେଶ୍ୱର ହେମ୍ବ୍ରମ (୨୮ବର୍ଷ)।

ଗୋରୁମହିଷାଣୀ ଥାନା ଅଞ୍ଚଳର ଜଣେ +୨ କଲେଜ ଛାତ୍ରୀଙ୍କୁ ଅଭିଯୁକ୍ତ ଧନେଶ୍ୱର ଦୀର୍ଘ ଦିନ ଧରି ପ୍ରେମ ନିବେଦନ କରି ହଇରାଣ କରୁଥିଲେ। ୨୦୧୯ ଏପ୍ରିଲ ୧୫ ତାରିଖରେ ଧନେଶ୍ୱର ନାବାଳିକାଙ୍କୁ ବଳାତ୍କାର କରିବା ସହ ତାଙ୍କର ଅଶ୍ଳୀଳ ଫଟୋ ଉତ୍ତୋଳନ କରିଥିଲେ। ପରେ ସେହି ଫଟୋଗୁଡ଼ିକୁ ସେ ଅନ୍ୟମାନଙ୍କ ମୋବାଇଲକୁ ପଠାଇ ପ୍ରଘଟ କରିଦେବା ସହ ପୀଡ଼ିତାଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ୨୦୧୯ ଅଗଷ୍ଟ ୧୦ତାରିଖରେ ଗୋରୁମହିଷାଣୀ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଜଜ୍ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହାକୁ ସ୍ୱତନ୍ତ୍ର ପିପି ପ୍ରଭାତ କୁମାର ବେହେରା ପରିଚାଳନା କରୁଥିଲେ।

# ଇଦ୍-ଉଲ୍-ଫିତର ପାଳିତ

ରାଇରଙ୍ଗପୁର, ୨୧।୩ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ଅଞ୍ଚଳରେ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ଶନିବାର ଭାଇଚାରା ମଧରେ ଇଦ୍-ଉଲ-ଫିତର ପର୍ବ ପାଳିତ ହୋଇଯାଇଛି। ରାଇରଙ୍ଗପୁର ଟାଉନ ଥାନା ଅଧୀନ ଇଚିଣ୍ଡା, ଠାକୁରାଣୀ ଡୋ, ଭାଲୁବୋଷା, ବସ୍ତି ଅଞ୍ଚଳରେ ମୁସଲମାନ ସମ୍ପ୍ରଦାୟର ପରିବାର ଲୋକ ନୂତନ ବସ୍ତ୍ର ପରିଧାନ ସହ ବିଭିନ୍ନ ସୁଖାଦ୍ୟ ପ୍ରସ୍ତୁତ କରିଥିଲେ। ଉକ୍ତ ବସ୍ତି ଅଞ୍ଚଳରେ ଥିବା ମସ୍‌ଜିଦରେ ନମାଜ ପାଠ କରାଯାଇଥିଲା। ଏହାବ୍ୟତୀତ ବାଦାମ ପାହାଡ଼, ଦେଓଗାଁ, ଟେଣ୍ଟପୋଷି, ଗୋରୁମହିଷାଣୀ, ଦୁଦୁ, କାଦୁଆଣୀ, ଗୋମାରିଆ ଏବଂ ଲହାକାନି ସମେତ ଗ୍ରାମାଞ୍ଚଳରେ ବସବାସ କରିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଗ୍ରାମବାସୀ ଆନନ୍ଦ ଉଲ୍ଲାସରେ ପର୍ବ ପାଳନ କରିବା ସହ ମସ୍‌ଜିଦ ନମାଜ ପାଠ କରାଯାଇଥିଲା।

# ଠାକୁରମୁଣ୍ଡାରେ ରେଶମ ସାଧନ କେନ୍ଦ୍ର ଉଦ୍‌ଘାଟିତ

ଠାକୁରମୁଣ୍ଡା, ୨୧।୩ (ତାରାକାନ୍ତ ପଟ୍ଟନାୟକ)

ଟସର ସିଲ୍କର ମୂଲ୍ୟଯୁକ୍ତ ବ୍ୟବସାୟ ବୃଦ୍ଧି ଲକ୍ଷ୍ୟରେ ଠାକୁରମୁଣ୍ଡାଠାରେ କେନ୍ଦ୍ରୀୟ ରେଶମ ବୋର୍ଡ ଦ୍ୱାରା ଏକ ରେଶମ ସାଧନ କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ବୟନ ଶିଳ୍ପ ବିଭାଗ ଅଧୀନ କଟକ ସ୍ଥିତ ରେଶମ ବୈଷୟିକ ସେବା କେନ୍ଦ୍ର ଦ୍ୱାରା ଏହି ସାଧନ କେନ୍ଦ୍ର ସ୍ଥାପିତ ହୋଇଛି। ରେଶମ ସାଧନ କେନ୍ଦ୍ର ବୈଜ୍ଞାନିକ ତଥା ରେଶମ ବୈଷୟିକ ସେବା କେନ୍ଦ୍ର ପରିଚାଳକ ଅମ୍ରିତ ଲାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବାରିପଦା ଅତିରିକ୍ତ ରେଶମଶିଳ୍ପ ନିର୍ଦ୍ଦେଶକ ନିରଞ୍ଜନ ମଲ୍ଲିକ, ବାରିପଦା ଆର୍‌ଏସ୍‌ଆର୍‌ଏସ୍‌ର ବୈଜ୍ଞାନିକ ଅଗସ୍ତି ଗଣେଶନ, ବିଏସ୍‌ଏମ୍‌ଟିସି ବୈଜ୍ଞାନିକ ସବୁଜ ଗାଙ୍ଗୁଲି, ଟିଆର୍‌ସିଏସ୍, କେନ୍ଦୁଜିଆଣୀ ସମ୍ପାଦକ ପ୍ରଦୀପ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ସିଲ୍କ ସମଗ୍ର-୨ ଯୋଜନାରେ ଟସର ଉତ୍ପାଦନ ପରବର୍ତ୍ତୀ କୌଶଳ ବ୍ୟବହାର ଦିଗରେ ସ୍ଥାନୀୟ ମହିଳାମାନଙ୍କ ଦକ୍ଷତା ବୃଦ୍ଧି ଏହାର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ମହିଳାମାନେ କିପରି ଟସରରୁ ବିଭିନ୍ନ ଉତ୍ପାଦ ବଜାରରେ ବିକ୍ରି କରି ସ୍ୱାବଲମ୍ବୀ ହୋଇପାରିବେ, ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ରେଶମ ବୈଷୟିକ ସେବା କେନ୍ଦ୍ର ପରିଚାଳକ ଲାୟକ କହିଥିଲେ, ରେଶମ ସାଧନ କେନ୍ଦ୍ର ଟସର ସୂତା କଟାଳି ଏବଂ ଚାଷୀଙ୍କୁ ତାଲିମ, ଜ୍ଞାନ କୌଶଳ ପ୍ରଦର୍ଶନ ଓ ସଚେତନତା ସୃଷ୍ଟି ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ସାଧନ କେନ୍ଦ୍ରରେ ସ୍ମାର୍ଟ ଟିଭି, ଦୃଶ୍ୟଶ୍ରାବ୍ୟ ଉପକରଣ, ଲାପ୍‌ଟପ୍, ସୂତାକଟା ମେଶିନ ଆଦି ବ୍ୟବହାରିକ ତାଲିମ ପାଇଁ କେନ୍ଦ୍ରୀୟ ରେଶମ ବୋର୍ଡ ଦ୍ୱାରା ଉପଲବ୍ଧ ରହିଛି। ଯେହେତୁ ଠାକୁରମୁଣ୍ଡା ଟସର ଉତ୍ପାଦନର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଏବଂ ଏଠାରେ ୩ଟି ଟସର ସୋସାଇଟି ରହିଛି, ଏଣୁ ଏସ୍‌ଆର୍‌ସି ଟସର ଚାଷୀଙ୍କ କୌଶଳ ବୃଦ୍ଧି ଏବଂ ଭାବ ବିନିମୟର କେନ୍ଦ୍ର ଭାବେ କାର୍ଯ୍ୟ କରିବ। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଆର୍‌ଆର୍‌ଡିଓ ସହଯୋଗରେ ଏହି ରେଶମ ସାଧନ କେନ୍ଦ୍ର ସ୍ଥାପିତ ହୋଇଛି। ସମ୍ପାଦକ ଶରତ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ମନୋଜ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ପ୍ରତିଶ୍ରୁତି ପରେ ବନ୍ଦ ପ୍ରତ୍ୟାହୃତ

## ଆଦିବାସୀ ନାବାଳିକା ଅସଦାଚରଣ ମାମଲା

ରାଇରଙ୍ଗପୁର, ୨୧।୩(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ତିରିଂ ଥାନା ଅନ୍ତର୍ଗତ ଆଦିବାସୀ ନାବାଳିକା ଅସଦାଚରଣ ମାମଲାକୁ ନେଇ ଆଦିବାସୀ ଗ୍ରାମବାସୀ ବହଳଦା ଥାନା ଅଧୀନ ୨୨୦ ନଂ. ଜାତୀୟ ରାଜପଥ ରାସ୍ତା ଅବରୋଧକାରୀଙ୍କ ଆକ୍ରମଣ ମାମଲାରେ ପୋଲିସ ୩୪ଜଣ ଆଦିବାସୀ ମହିଳା ଏବଂ ପୁରୁଷଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ୩୪ଜଣଙ୍କୁ ଖଲାସ ଦାବି ସମେତ ବିଭିନ୍ନ ଦାବି ନେଇ ରାଇରଙ୍ଗପୁର ଅଞ୍ଚଳର ବିଭିନ୍ନ ରାଜନୈତିକ ସଙ୍ଗଠନ ସମେତ ମିଳିତ ଆଦିବାସୀ ଏକତା ମଞ୍ଚ( ମୟୂରଭଞ୍ଜ ) ପକ୍ଷରୁ ଶୁକ୍ରବାରଠାରୁ ରବିବାର ସକାଳ ୬ ଘଟିକା ପର୍ଯ୍ୟନ୍ତ ୪୮ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ଏସ୍‌ପି ଯଦୁନାଥ ଜେନା ଲିଖିତ ପ୍ରତିଶ୍ରୁତି ଏବଂ ଶନିବାର ସ୍ଥାନୀୟ ଏସଡିଜେଏମ୍ କୋର୍ଟରୁ ୩୪ ଜଣ ଗିରଫ ଆଦିବାସୀଙ୍କ ଜାମିନ ମଞ୍ଜୁର ହେବା ପରେ ମିଳିତ ଆଦିବାସୀ ଏକତା ମଞ୍ଚ ଏବଂ ବିଭିନ୍ନ ରାଜନୈତିକ ସଙ୍ଗଠନ ପକ୍ଷରୁ ୪୭ ଘଣ୍ଟିଆ ବନ୍ଦ ପାଳନ ପ୍ରତ୍ୟାହାର କରାଯାଇଥିଲା। ଗିରଫ ୩୪ ଆଦିବାସୀ ଜେଲରୁ ଖଲାସ ପରେ ମିଳିତ ଆଦିବାସୀ ଏକତା ମଞ୍ଚ ଏବଂ ବିଭିନ୍ନ ରାଜନୈତିକ ଦଳୀୟ ସଙ୍ଗଠନର କର୍ମକର୍ତ୍ତାଗଣ ଖଲାସ ୩୪ ଆଦିବାସୀଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ରାଇରଙ୍ଗପୁର ଆଦିବାସୀ ସଙ୍ଗଠନ କାର୍ଯ୍ୟାଳୟ ପରିସରକୁ ନିଆଯାଇଥିଲା।

# ବାଲ୍ୟ ବିବାହ ପୂର୍ବରୁ କନ୍ୟା ଉଦ୍ଧାର

ବାରିପଦା, ୨୧।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ଅଞ୍ଚଳରେ ଶନିବାର ଏକ ବାଲ୍ୟ ବିବାହ ଖବରପାଇ ଜିଲା ପ୍ରଶାସନ ଓ ବାରିପଦା ଟାଉନ ପୋଲିସର ତତ୍କାଳ ପଦକ୍ଷେପକ୍ରମେ ରୋକାଯାଇପାରିଛି । ଖବର ଲେଖାଯିବା ବେଳକୁ କନ୍ୟାକୁ ଉଦ୍ଧାର କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଉଛି। ସୂଚନାଯୋଗ୍ୟ, ଶାମାଖୁଣ୍ଟା ଅଞ୍ଚଳର ଜଣେ ୧୫ବର୍ଷର ନାବାଳିକା ବାରିପଦା ଟାଉନ ଥାନା ଅଧୀନ ଦେବେନ୍ଦ୍ରପୁର ଅଞ୍ଚଳର ପ୍ରେମିକ ଘରକୁ ପଳାଇ ଆସି ବିବାହ ପାଇଁ ପ୍ରସ୍ତୁତ ହେଉଥିଲେ। ତେବେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କୁ ଜଣାଇବା ପରେ ପୋଲିସ ସହାୟତାରେ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।

# ଇଂଲିଶ ବିଭାଗର ବାର୍ଷିକ ପାଠଚକ୍ର

ଝାରପୋଖରିଆ, ୨୧।୩ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ଝାରପୋଖରିଆସ୍ଥିତ ସୀମାନ୍ତ ମହାବିଦ୍ୟାଳୟ ଇଂଲିଶ ବିଭାଗର ବାର୍ଷିକ ପାଠଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ପ୍ରାଚୀପ୍ରଭା ପଡ଼ିଆରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପାଠଚକ୍ରରେ ଭାରପ୍ରାପ୍ତ ଅଧକ୍ଷ ପ୍ରାଧାପକ ଅନିଲ କୁମାର ଝା, ଅଧାପିକା ଶ୍ୱେତା ସିଂହ, ପ୍ରଜ୍ଞାଶ୍ରୀ ମହାନ୍ତି ଓ ସୋନାଲି ଦାସ ଯୋଗ ଦେଇଥିଲେ। ପୂର୍ବତନ ଅଧକ୍ଷ ନଳିନୀ ରଞ୍ଜନ ସେନାପତି ଓ ଡ. ବୁଦ୍ଧଦେବ କର ବିଷୟବସ୍ତୁ 'ସାମାଜିକ ବାସ୍ତବତା ଓ ଭାରତୀୟ ଇଂରାଜୀ କବିତାରେ ସାମାଜିକ ପରିବର୍ତ୍ତନର ସ୍ୱର' ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚମ ଦିନରେ ଜେଏମ୍‌ଏମ୍‌ର ଧାରଣା

ମୋରଡ଼ା,୨୧।୩ (ସ୍ମାରକ ମାଜୀ)



ଜେଏମ୍‌ଏମ୍‌ର ନେତୃବୃନ୍ଦ ଧାରଣାରେ ବସିଛନ୍ତି।

ଦୁଇ ଦଫା ଦାବି ନେଇ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍‌ଏମ୍) ତରଫରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗତ ମଙ୍ଗଳବାରଠାରୁ ଧାରଣା ଦିଆଯାଇଛି। ଧାରଣା ଶନିବାର ପଞ୍ଚମ ଦିନରେ ପହଞ୍ଚିଥିଲେ ହେଁ କେହି କର୍ଣ୍ଣପାତ କରୁ ନ ଥିବାରୁ ଜେଏମ୍‌ଏମ୍ ନେତର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜେଏମ୍‌ଏମ୍ ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଛନ୍ତି।

ଅଭିଯୋଗ ମୁତାବକ, ଉକ୍ତ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ଓ ଏକ୍ସରେ ମେଶିନର ସ୍ଥାପନ ଏବଂ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ନେଇ ସଭାପତି ଦାସ ଦାବି କରିଛନ୍ତି। ପୂର୍ବରୁ ଧାରଣାସ୍ଥଳରେ ଜିଲା ଚିକିତ୍ସା ଅଧିକାରୀ କିଶୋର ଆଚାର୍ଯ୍ୟ, ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁବାସ ନାଏକ ପ୍ରମୁଖ ପହଞ୍ଚି ସଭାପତିଙ୍କ ସହିତ ଆଲୋଚନା କରିଥିଲେ ମଧ ଆଲୋଚନା ସଫଳ ହୋଇ ନ ଥିଲା। ସମସ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଏମିତି ଚାଲୁ ରହିବ ବୋଲି ସଭାପତି ଦାସ କହିଛନ୍ତି। ଧାରଣା ପାଞ୍ଚ ଦିନ ଧରି ଚାଲୁଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ ଆଖି ବୁଜି ଦେଇଥିବାରୁ ଲୋକଙ୍କ ସମସ୍ୟା କେମିତି ସମାଧାନ ହେବ ବୋଲି ସଭାପତି ପ୍ରଶ୍ନ କରିଛନ୍ତି। ଧାରଣାରେ ବ୍ଲକ୍ ସଭାପତି ହେମନ୍ତ ମହାନ୍ତ, ସଂଗଠନ ସମ୍ପାଦକ ରାଧେଶ୍ୟାମ ପାତ୍ର, ଅମୀର ଖାନ, ଡାକ୍ତର ହେମ୍ବ୍ରମ, ଭାଗ୍ୟବତୀ ହେମ୍ବ୍ରମ, ସିପୁ ମୁଦୁଲି, ପପୁ ଦାସ ପ୍ରମୁଖଙ୍କ ସହିତ ଅନ୍ୟ କର୍ମୀ ବସିଥିଲେ।

# ମୋରଡ଼ାବାସୀ ଜଳକଷ୍ଟ ଭୋଗିବେ ନାହିଁ: ମନ୍ତ୍ରୀ

## ଜଳ ଅର୍ପଣ ଦିବସ-୨୦୨୬

ମୋରଡ଼ା,୨୧।୩ (ସ୍ମାରକ ମାଜୀ)




ଜଳ ଅର୍ପଣ ଦିବସରେ ଉପସ୍ଥିତ ଅତିଥି।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଧଡ଼ାସାହି ଗ୍ରାମରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଆନୁକୂଲ୍ୟରେ ଶନିବାର ପୂର୍ବାହ୍ନ ୧୦ଟାରେ ଜଳ ଅର୍ପଣ ଦିବସ-୨୦୨୬ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମୋରଡ଼ା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଜଳର ସଦୁପଯୋଗ କରିବା, ଜଳ ସୁରକ୍ଷା କରିବା ଆମର ନୈତିକ କର୍ତ୍ତବ୍ୟ। ଓଡ଼ିଶାର ପ୍ରତିଟି ଘରକୁ ବିଶୁଦ୍ଧ ପାନୀୟ ଜଳ ପାଇ ପାରିବେ, ସେ ନେଇ ସରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ନୂତନ ଭାବେ ଗଠିତ ହୋଇଥିବା ଚିତ୍ରଡା ଓ ରାସଗୋବିନ୍ଦପୁର ଏନଏସିରେ ଏବଂ ମୋରଡା, ଶୁଳିଆପଦା, ରାସଗୋବିନ୍ଦପୁର ବ୍ଲକ୍‌ର ଜନସାଧାରଣ କିପରି ପାଣି ପାଇଁ ଅସୁବିଧା ହେବେ ନାହିଁ ସେ ନେଇ ଏକ ବଡ଼ ଯୋଜନା କାର୍ଯ୍ୟକାରୀ ହେବ। ଭଡ଼ରାନଣ୍ଡା ନିକଟରେ ଏକ ବ୍ୟାରେଜ ନିର୍ମାଣ ହେବ, ଯାହାର ସର୍ଭେ କାର୍ଯ୍ୟ ସରିଛି, ଡିପିଆର ପ୍ରସ୍ତୁତି ଚାଲୁଛି ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ୍ ଉପାଧକ୍ଷା ଜେମାମଣି ମହାନ୍ତ, ଧଡ଼ାସାହି ସରପଞ୍ଚ ତିଲକା ହାଁସଦା, ସ୍ୱତନ୍ତ୍ର ଅତିଥିଭାବେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜ୍ଞାନେନ୍ଦ୍ର ନାଏକ, ସିଡିଓ ଧର୍ମାନନ୍ଦ ବେହେରା, ବିଡ଼ିଓ ଅଣାକର ନାଏକ, ଅବସରପ୍ରାପ୍ତ ଉପ ଜିଲାପାଳ ରଜନୀକାନ୍ତ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ନୂତନ ଭାବେ ନିର୍ମାଣ ହୋଇଥିବା ଏକ ପମ୍ପ ଗୃହକୁ ମନ୍ତ୍ରୀ ଫିତା କାଟି ଆନୁଷ୍ଠାନିକ ଭାବେ ଉଦ୍‌ଘୋଟନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ସସ୍ମିତା ପତି, ମାର୍କଣ୍ଡ ମାର୍ଣ୍ଡି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

କେନ୍ଦୁଝର,୨୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଓଡ଼ିଶା ଖଣି ଯାନ୍ତ୍ରୀକ ବିଦ୍ୟାଳୟ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଯୁବକ ହେଲେ ସ୍ଥାନୀୟ ଅଞ୍ଚଳର ଅନିଲ ସେଠୀ(୪୦)। ଏ ନେଇ ସେ ଟାଉନଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅନିଲ ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ସମୟରେ ଏକ କାର (ଓଡି–୦୨–ବିଜେ ୭୪୪୬) ସାଇଡ ମାରିବା ଘଟଣାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗାଡି ଚାଳକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। କରିବାରୁ ଅନିଲ ଅଚେତ ହୋଇ ତାଳ ପଡି ଯାଇଥିଲେ। ଉପସ୍ଥିତ ଲୋକ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଧରଣୀଧର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ମଧ୍ୟାହ୍ନରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅନିଲଙ୍କ ବାପା ଜନାର୍ଦ୍ଦନ ସେଠୀଙ୍କ ଏତଲାକ୍ରମେ ଟାଉନ ପୋଲିସ ଏକ ମାମଲା(ନଂ.୨୭୫/୨୬) ରୁଜୁ କରି ତଦନ୍ତ କରୁଛି।

### ଖବରଦାତାଙ୍କ ପରଲୋକ

ଧାମନଗର,୨୧।୩(ଦେବେନ୍ଦ୍ର ଆଦିଆ/ ସନ୍ତୋଷ କୁମାର ମହାପାତ୍ର): ଧାମନଗର ବ୍ଲକ ଅଞ୍ଚଳର ବରିଷ୍ଠ ଖବରଦାତା, ସାମାଜିକ କର୍ମୀ ମଦନମୋହନ ଦାସ(୫୮)ଙ୍କ ଶୁକ୍ରବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସେ ନିଜ ଗାଁ ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳରେ ବାର୍ଷିକ ଯଜ୍ଞ ପାଇଁ ବୈଠକରେ ଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଯାଜପୁର ଜିଲା ହସ୍ପିଟାଲକୁ ନିଆଯାଉଥିବା ବେଳେ



ରାସ୍ତାରେ ତାଙ୍କ ମୃତ୍ୟୁ ଘଟିଥିଲା। ଯାଜପୁର ଜିଲା ହସ୍ପିଟାଲରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ସକାଳେ ମରଶରୀରକୁ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିଲା। ମଦନମୋହନ ଜଣେ ସୂଚନା ଅଧିକାର କର୍ମୀ ଭାବେ ଭଦ୍ରକ ଜିଲାରେ ସୁଖ୍ୟାତି ଅର୍ଜନ କରିଥିଲେ। ଏଥିସହ ଧରିତ୍ରୀ ସମେତ ବିଭିନ୍ନ ଖବରକାଗଜରେ ଦୋବଲ ଅଞ୍ଚଳର ପ୍ରତିନିଧି ଭାବେ ସେ କାର୍ଯ୍ୟ କରିଛନ୍ତି। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜ ସୋସିଆଲ ମିଡିଆ ପେଜ୍‌ରେ ଶୋକବ୍ୟକ୍ତ କରିଛନ୍ତି।

### ୨୩ରେ ମହିଳା ଜନଶୁଣାଣି

କେନ୍ଦୁଝର,୨୧।୩ (ନରେଶ ଚନ୍ଦ୍ର ପଟ୍ଟନାୟକ): ମହିଳାଙ୍କ ସୁରକ୍ଷା ଓ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଜାତୀୟ ମହିଳା ଆୟୋଗ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏକ 'ଜନ ଶୁଣାଣି' କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି। ଏହି କ୍ରମରେ କେନ୍ଦୁଝର ଜିଲା ଦରବାର ହଲ୍‌ଠାରେ ମାର୍ଚ୍ଚ ୨୩ ସୋମବାର ପୂର୍ବାହ୍ନ ୧୦ଟାରେ ବିଶେଷ ଶିବିର ଅନୁଷ୍ଠିତ ହେବ। ଶିବିରରେ କେନ୍ଦୁଝର ଏବଂ ଦେବଗଡ଼ ଜିଲାର ମହିଳା ନିଜର ବିଭିନ୍ନ ସମସ୍ୟା ଓ ଅଭିଯୋଗ ଉପସ୍ଥାପନ କରିପାରିବେ। ବିଶେଷ କରି ଘରୋଇ ହିଂସା, ନିର୍ଯାତନା, ଯୌତୁକ ଜନିତ ସମସ୍ୟା, କର୍ମକ୍ଷେତ୍ରରେ ହେଉଥିବା ହଇରାଣ, ସାଇବର ଅପରାଧ, ମହିଳା ଅଧିକାର ଉଲ୍ଲଂଘନ ସମ୍ପର୍କିତ ଯେକୌଣସି ଅଭିଯୋଗର ଏଠାରେ ଶୁଣାଣି କରାଯିବ। ଆୟୋଗଙ୍କ ପକ୍ଷରୁ ପ୍ରକାଶିତ ସୂଚନା ଅନୁଯାୟୀ, ଯେଉଁ ମହିଳା ପୂର୍ବରୁ ଆୟୋଗଙ୍କ ନିକଟରେ ଅଭିଯୋଗ କରିଛନ୍ତି ଏବଂ ସମାଧାନ ଚାହୁଁଛନ୍ତି, ସେମାନେ ଏହି ଶିବିରରେ ଉପସ୍ଥିତ ରହି ନିଜର ଅଭିଯୋଗ ଉପସ୍ଥାପନ କରିପାରିବେ। ଏହା ବ୍ୟତୀତ, ନୂତନ ଭାବେ ଶିବିରରେ ଉପସ୍ଥିତ ରହି ଦରଖାସ୍ତ ପ୍ରଦାନ କରିବାକୁ ରାଜ୍ୟ ମହିଳା ଆୟୋଗଙ୍କ ଆବାହକ ସଚିବ ଅନୁରୋଧ କରିଛନ୍ତି।

# 'ବୌଦ୍ଧିକ ଜ୍ଞାନର ବିକାଶ କରେ କଣ୍ଢେଇ'

## ବାଲିଆ ଶିଶୁ ମନ୍ଦିରରେ କଣ୍ଢେଇ ଦିବସ

**ବାଲେଶ୍ୱର, ୨୧।୩(ବାଞ୍ଛାନିଧି ଦେ):**

ବାଲେଶ୍ୱର ସହର ଉପକଣ୍ଠ ବାଲିଆ ଶିଶୁ ମନ୍ଦିରରେ ୪ର୍ଥ ବାର୍ଷିକ କଣ୍ଢେଇ ଦିବସ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିଳ୍ପୀ କେଶୁ ଦାସ ଯୋଗଦେଇ କଣ୍ଢେଇର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କଣ୍ଢେଇ କେବଳ ଖେଳନା ନୁହେଁ, ଏହା କୋମଳମତି ପିଲାମାନଙ୍କର ସୃଜନଶୀଳ ଓ ବୌଦ୍ଧିକ ଜ୍ଞାନର ବିକାଶ ଘଟାଏ। ଏଥିସହ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ କ୍ଷେତ୍ରରେ ମଧ ଏହା ପ୍ରଭାବ ପକାଏ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତି, ଉପସଭାପତି ବିଜୟ କୁମାର ମହାନ୍ତି, ସମ୍ପାଦକ ସନ୍ତୋଷ କୁମାର ନାୟକ ଯୋଗଦେଇ କଣ୍ଢେଇର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଗୁରୁମା ପରଶି ରାଣୀ ଦାଶ ସଭା ପରିଚାଳନା କରିଥିଲେ। ଗୁରୁଜୀ ବାବାଜୀ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗୀତ ଗୁରୁ ବ୍ରଜେଶ ପଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସ୍ୱାଗତସଂଗୀତ ପରିବେଷଣ କରିବା ସହ କଣ୍ଢେଇ ଆଧାରିତ ସଙ୍ଗୀତ ପରିବେଷଣ କରିଥିଲେ। ବାଲ୍‌ବାଟିକା ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର କଣ୍ଢେଇକୁ ନେଇ ସୁନ୍ଦର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଭାରତର କଣ୍ଢେଇ ବଜାରକୁ ସୁଦୃଢ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୨୦ ମସିହାରେ ଜାତୀୟ କଣ୍ଢେଇ ନୀତି ପ୍ରଣୟନ ହୋଇଥିଲା। ଜନମାନସରେ ଭାରତୀୟ କଣ୍ଢେଇ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ୨୦୨୩ରୁ ବିଦ୍ୟାଳୟମାନଙ୍କରେ କଣ୍ଢେଇ ଦିବସ ପାଳନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି।



କଣ୍ଢେଇ ପ୍ରଦର୍ଶନୀରେ ପ୍ରଦର୍ଶିତ କଣ୍ଢେଇ।

# ବିଧାୟିକାଙ୍କୁ ନିଲମ୍ବନ ପରେ ବିଜେଡି ଛାଡିଲେ ବସ୍ତା ବ୍ଲକ ସଭାପତି

**ବସ୍ତା, ୨୧।୩(ହରି ଶଙ୍କର ପାଢ଼ୀ)**

ରାଜ୍ୟ ସଭା ନିର୍ବାଚନରେ କ୍ରସ ଭୋଟିଂ ନେଇ ତୁମ୍ବି ତୋଫାନ ଜାରି ରହିଥିବା ବେଳେ, ଶନିବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ୬ଜଣ ବିଧାୟକଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା। ବସ୍ତା ନିର୍ବାଚନମଣ୍ଡଳୀ ମଧ୍ୟରେ ବସ୍ତା ଓ ବାଲିଆପାଳ ବ୍ଲକ ଥିବା ବେଳେ ବସ୍ତାରେ ଅନୀଲ କୁମାର ମହାନ୍ତି ଏବଂ ବାଲିଆପାଳରେ ଗୋବିନ୍ଦ ଦାସ ଦଳର ମଙ୍ଗ ଧରିଥିଲେ। ତେବେ ନିକଟରେ ବାଲେଶ୍ୱରର ପୂର୍ବତନ ଏମ୍‌ପି ତଥା ଦଳର ଟାଣୁଆ ନେତା ବସ୍ତା ବିଧାୟିକାଙ୍କ ସ୍ୱାମୀ ରବୀନ୍ଦ୍ର କୁମାର ଜେନା ଶଙ୍ଖ ଦଳ ଛାଡି ପଦ୍ମ ଧରିଛନ୍ତି। ତାଙ୍କ ସହ ବସ୍ତା ବ୍ଲକର ବିଜେଡି ଚେୟାରମ୍ୟାନ, ବାଲିଆପାଳ ବ୍ଲକର ସଭାପତି ଗୋବିନ୍ଦ ଦାସଙ୍କ ସହ କେତେକ ସରପଞ୍ଚ, ସଦସ୍ୟ ଭାଜପାରେ ଯୋଗ ଦେଇଛନ୍ତି। ଏସବୁ ଘଟଣା ପରେ ରାଜ୍ୟ ସଭା ନିର୍ବାଚନରେ ବିଧାୟିକା ସୁବାସିନୀ ଭାଜପା ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନେଇ ସାରା ରାଜ୍ୟରେ କମ୍ପନ ସୃଷ୍ଟି ହୋଇଥିଲା। ଏପରିକି ବାଲେଶ୍ୱରରେ ପୂର୍ବତନ ବିଜେଡି ବିଧାୟକ ସ୍ୱରୂପ ଦାସଙ୍କ ଦ୍ୱାରା ବସ୍ତା ବିଧାୟିକାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିସହ ଭୁବନେଶ୍ୱରରେ ବିଧାୟିକାଙ୍କ ବାସଭବନକୁ ବିଜେଡିର କର୍ମୀମାନେ ଘେରାଉ କରିଥିବା ବେଳେ ବସ୍ତା ଅଞ୍ଚଳରେ ସେପରି କିଛି ହୋଇ ନ ଥିଲା। ତେବେ ବିଧାୟିକାଙ୍କ ନିଲମ୍ବନକୁ ନେଇ ବସ୍ତା ବ୍ଲକର ସଭାପତି ଅନିଲ କୁମାର ମହାନ୍ତି, ଯୁବ ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ, ଜିଲା ଯୁବ ସାଧାରଣ ସମ୍ପାଦକ ରାଜେଶ କୁମାର ଗିରି ବିଜେଡିରୁ ଇସ୍ତଫା ଦେଇଛନ୍ତି। ଫଳରେ ବିଜେଡି ଏବେ ବସ୍ତା ନିର୍ବାଚନମଣ୍ଡଳୀରେ ମୁରବି ଶୂନ୍ୟ ହୋଇପଡ଼ିଛି। ତେବେ ବସ୍ତା ଓ ବାଲିଆପାଳ ବ୍ଲକରେ ବିଜେଡିର ମଙ୍ଗୁଆଳ କିଏ ହେବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

# ଆଜି ବାଲ୍ ବଜରଙ୍ଗୀଙ୍କ ସାଇକେଲ ଶୋଭାଯାତ୍ରା




ଖବରଦାତା ସମ୍ମିଳନୀରେ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ମନମୋହନ ସାମଲ ଓ ଅନ୍ୟ କର୍ମକର୍ତ୍ତାମାନେ।

**ଭଦ୍ରକ,୨୧।୩(ସନାତନ ରାଉତ)**

## ଶ୍ରୀରାମ ନବମୀ ମହୋତ୍ସବ

ଭଦ୍ରକର ଐତିହାସିକ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ରବିବାର ବାଲ୍ ବଜରଙ୍ଗୀଙ୍କ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହେବ। ୨୫ରେ ମହିଳା କଳସ ଶୋଭାଯାତ୍ରା, ଆଜ୍ଞାମାଳ ଯାତ୍ରା ସହ ଯଜ୍ଞ ଆରମ୍ଭ ହେବ। ୨୬ ତାରିଖରେ ୧୦୮ ହନୁମାନ ଚାଳିଶା ପାଠ ଓ ୨୭ରେ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ହେବ। ଏହି ମହୋତ୍ସବ ଚଳିତବର୍ଷ ଦିବ୍ୟ, ଭବ୍ୟ ଏବଂ ଚିତ୍ତାକର୍ଷକ ଭାବେ ଅନୁଷ୍ଠିତ ହେବ ବୋଲି ମହାଯଜ୍ଞ ସମିତି ପକ୍ଷରୁ ଶନିବାର ଅପରାହ୍ନ ୫ଟାରେ ଗାନ୍ଧୀପଡ଼ିଆସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯିବା ସହ ଆଗାମୀ କାର୍ଯ୍ୟକ୍ରମର ବିବରଣୀ ଘୋଷଣା କରାଯାଇଛି।

ଶନିବାରଠାରୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଗାନ୍ଧୀପଡ଼ିଆରେ ମୀନାବଜାର ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି। ସମିତିର ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ବରିଷ୍ଠ ଉପଦେଷ୍ଟା ତଥା ରାଜ୍ୟ ସଭା ସଦସ୍ୟ ମନମୋହନ ସାମଲ, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ ମହୋତ୍ସବର ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ଉପସଭାପତି ତ୍ରିଲୋଚନ ନାୟକ, ସମ୍ପାଦକ ଆଇନଜୀବୀ ତୁଷାରକାନ୍ତ ଦାସ, ସ୍ୱାଧୀନ ସୁନ୍ଦର ଦାସ, ସହ କୋଷାଧ୍ୟକ୍ଷ ଶିବଶଙ୍କର ଦାସଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# କୁରୁଡ଼ା ଆଦିବାସୀ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ବାଲେଶ୍ୱର, ୨୧।୩ (ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ରେମୁଣା ବ୍ଲକ କୁରୁଡ଼ା ପଞ୍ଚାୟତସ୍ଥିତ କୁରୁଡ଼ା ହାଟପଡ଼ିଆରେ ଶୁକ୍ରବାର ମା' କାଳିକା କ୍ରିକେଟ କ୍ଲବ ଆନୁକୂଲ୍ୟରେ କୁରୁଡ଼ା ଆଦିବାସୀ ପ୍ରିମିୟର ଲିଗ୍‌ର ପଞ୍ଚମ ସଂସ୍କରଣ–୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୪ଟି ଟିମ୍ ଯଥା ମା' କାଳିକା ଫାଇଟର, ଏସ୍‌ଏମ୍ ଫାଇଟର୍, ଶ୍ରୀରାମ ଫାଇଟର୍ ଓ କୁରୁଡ଼ା ଟାଇଗର୍ ପରସ୍ପରକୁ ଭେଟିବା ସହିତ ନିଜର ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିବେ।

ଉଦ୍‌ଘାଟନୀ ମ୍ୟାଚ୍ ଏସ୍‌ଏମ୍ ଫାଇଟର୍ ଓ ଶ୍ରୀରାମ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୦ ଓଭର ବିଶିଷ୍ଟ ଏହି ଟେନିସ ବଲ ମ୍ୟାଚର ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି ଭାବେ କୁରୁଡ଼ା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ସମ୍ପାଦକ ରଘୁନାଥ ଦାସ, କୋଷାଧ୍ୟକ୍ଷ ସୁରେଶ କୁମାର ସ, ସ୍ଥାନୀୟ ୱାର୍ଡମେମ୍ବର ଦାମୋଦର ମହାଳିକ, ସାମାଜିକ କର୍ମୀ ନିର୍ମଳ ବାରିକ ଓ ଗୋପାଳ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଖେଳ ଓ ଖେଳାଳିଙ୍କୁ ଖୁବ୍ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଏହି ଖେଳାଳିମାନେ ଜିଲା ଏବଂ ରାଜ୍ୟସ୍ତରୀୟ କ୍ରିକେଟ ଖେଳରେ ଅଂଶଗ୍ରହଣ କରିପାରିବେ ସେ ଦିଗରେ ଯତ୍ନବାନ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ମା' କାଳିକା କ୍ରିକେଟ କ୍ଲବ ସଭାପତି ବାଇଧର ସିଂ, ସମ୍ପାଦକ ପପୁ ସିଂ, କୋଷାଧ୍ୟକ୍ଷ ସମୀର ସିଂ, ସଦସ୍ୟ ଜୟନ୍ତ ସିଂ ଓ ଡାକ୍ତର ସିଂ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ବୃତ୍ତଙ୍କ ଆକ୍ରମଣରେ ହଷ୍ଟେଲ ୱାର୍ଡେନଙ୍କ ମୃତ୍ୟୁ

**ବୈଶିଙ୍ଗା,୨୧।୩(ରତନ ଦାଶ)**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ନଂ. ଜାତୀୟ ରାଜପଥର କଳମାଠାରେ ଥିବା ଏକ ଘରୋଇ ବିଦ୍ୟାଳୟର ହଷ୍ଟେଲ ୱାର୍ଡେନଙ୍କ ଶୁକ୍ରବାର ରାତିରେ ଦୁର୍ବୃତ୍ତଙ୍କ ମରଣାନ୍ତ ଆକ୍ରମଣରେ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ତାଙ୍କ ସହିତ ଥିବା ସ୍କୁଲ ଅଧକ୍ଷା ମଧ ଦୁର୍ବୃତ୍ତଙ୍କ ଆକ୍ରମଣର ଆହତ ହୋଇଥିବା ଜଣାପଡ଼ିଛି। ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଡା. ବିଜୟ କୁମାର ରାଉତଙ୍କ କଳମା ଛକ ନିକଟରେ ଅରବିନ୍ଦ ଆବାସିକ ଶିକ୍ଷାକେନ୍ଦ୍ର ନାମରେ ଏକ ବିଦ୍ୟାଳୟ ରହିଛି। ବିଦ୍ୟାଳୟରେ ତାଙ୍କ ଭଉଣୀ କାଦମ୍ବିନୀ ରାଉତ ଅଧକ୍ଷା ଭାବରେ କାର୍ଯ୍ୟରତ ଥିବା ବେଳେ ଧନାପାଳ ଗ୍ରାମର ସନ୍ୟାସୀ ଦାସ ହଷ୍ଟେଲରେ ୱାର୍ଡେନ ଭାବେ କାମ କରୁଥିଲେ। ଶୁକ୍ରବାର ରାତି ୯ଟାରେ ସ୍କୁଲ କାମ ସାରି ଉଭୟ ଏକ ବାଇକ୍ ଯୋଗେ କଳମା ଛକ ନିକଟରେ ଥିବା ବିଜୟଙ୍କର କ୍ଲିନିକକୁ ଯାଉଥିଲେ। ସେ ସମୟରେ ଛକ ପୂର୍ବରୁ ନିଛାଟିଆ ସ୍ଥାନରେ କେତେଜଣ ଦୁର୍ବୃତ୍ତ ଠେଙ୍ଗା ଓ ଧାରୁଆ ଅସ୍ତ୍ରରେ ଉଭୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସନ୍ୟାସୀଙ୍କୁ ମୃତ ଘୋଷଣା କରିଥିଲେ। କାଦମ୍ବିନୀଙ୍କ ଅବସ୍ଥାରେ ସୁଦ୍ଧାର ଆସିଥିବାରୁ ସେ ଘରକୁ ଆସିଥିବା ତାଙ୍କ ଭାଇ ଡ଼. ବିଜୟ ରାଉତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ଶଳା ଜିତେନ୍ଦ୍ର ନାଥଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରିଛି। ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଫରେନସିକ ଟିମ୍ ଘଟଣାସ୍ଥଳରୁ ରକ୍ତଭିଜା ମାଟି ଓ ଛୁରି ଜବତ କରିଛି। ଏଥିସହ ଘଟଣାସ୍ଥଳରୁ ୨କିମି ଦୂରରୁ ମଦ ବୋତଲ, ମୃତକଙ୍କ ଚପଲ ଓ ଅଧକ୍ଷାଙ୍କ ଭ୍ୟାନିଟି ମିଳିଛି। ମାତ୍ର କୌଣସି ସୁନାଗହଣା, ଟଙ୍କାପଇସା, ମୋବାଇଲ ଫୋନ କ୍ଷତାକ୍ତଙ୍କଠାରୁ ଚୋରି ହୋଇ ନ ଥିବା ଜଣାପଡ଼ିଛି। ବିଦ୍ୟାଳୟ ନିକଟରେ କିଛି ଅସାମାଜିକ ଯୁବକ ଆଡ୍ଡା କରି ମଦ୍ୟପାନ କରୁଥିବାକୁ ନେଇ ଅଧକ୍ଷା ବାରମ୍ବାର ବିରୋଧ କରୁଥିଲେ। ଏ ନେଇ ଯୁବକଙ୍କ ସହ ତିକ୍ତତା ମଧ ହୋଇଥିଲା। ଉକ୍ତ ଅସାମାଜିକ ଯୁବକ ଆକ୍ରମଣ କରିଥିବା କୁହାଯାଉଥିବା ବେଳେ ପୋଲିସ ଏହାକୁ ତଦନ୍ତ ପରିସରଭୁକ୍ତ କରିବାକୁ ମୃତକଙ୍କ ପରିବାର ଲୋକେ ଦାବି କରିଛନ୍ତି।

# ଶିଳ୍ପ ଉଦ୍ୟୋଗୀ ତାଲିମ ଶିବିର ଉଦ୍‌ଯାପିତ

**ବାଲିଆପାଳ, ୨୧।୩(ଗୋପାଳ ଚନ୍ଦ୍ର ସାହୁ):**

ବାଲେଶ୍ୱର ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ବାଲିଆପାଳ ବିଶ୍ୱାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତାଲିମ କେନ୍ଦ୍ର ପରିସରରେ ଚାଲିଥିବା ୧୨ଦିନିଆ ଶିଳ୍ପ ଉଦ୍ୟୋଗୀ ତାଲିମ ଶିବିର ୨୦୨୬ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବାଲିଆପାଳ ବ୍ଲକ ଅତିରିକ୍ତ ଶିଳ୍ପ ଅଧିକାରୀ ଅମ୍ବୁଜ କୁମାର ମହାନ୍ତଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ବାଲେଶ୍ୱର ଜିଲା ଶିଳ୍ପ କେନ୍ଦ୍ର ଜିଏମ ସୂର୍ଯ୍ୟକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ତାଲିମ ନେଇଥିବା ଯୁବତୀଯୁବକଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଜିଏମ ବେହେରା ବକ୍ତବ୍ୟରେ କହିଥିଲେ ଯେ ଯେଉଁମାନେ ତାଲିମ ଗ୍ରହଣ କଲେ ଆଗାମୀ ଦିନରେ ସେମାନେ ସମସ୍ତେ ଜଣେ ଜଣେ ଶିଳ୍ପଦ୍ୟୋଗୀ ଭାବରେ ଆତ୍ମନିର୍ଭରଶୀଳ ହେବା ସହିତ କେତେଜଣ ଯୁବତୀ ଯୁବକଙ୍କୁ ରୋଜଗାରର ପନ୍ଥା ଯୋଗାଇପାରିଲେ ସରକାରଙ୍କ ଏହି ଯୋଜନା ସଫଳ ହେବ। ଏହି କାର୍ଯ୍ୟକ୍ରମରେ ବିଶ୍ୱାସ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଅଜୟ କୁମାର ସାହୁ ଯୋଗଦେଇ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଯୋଜନାରେ ନିଜକୁ ବେକାର ବୋଲି ଭାବୁଥିବା ଯୁବତୀଯୁବକମାନେ ଲାଭ ଉଠାଇବା ପାଇଁ ବିଭିନ୍ନ ପ୍ରକାର ଯୋଜନାରେ ପ୍ରକଳ୍ପ କରି ବ୍ୟାଙ୍କମାନଙ୍କରୁ ଋଣ ନେଇ ଆତ୍ମନିର୍ଭରଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ। ବାଲିଆପାଳ ବ୍ଲକ ଓ ଏଲ୍‌ଏମ୍‌ର ବିପିଏମ୍ ଉତ୍ତମ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଶିବିରରେ ବାଲିଆପାଳ, ବସ୍ତା, ଜଳେଶ୍ୱର ଓ ଭୋଗରାଇ ବ୍ଲକରୁ ୩୦ଜଣ ଯୁବତୀଯୁବକ ଭାଗ ନେଇଥିଲେ।

# ଗୋବିନ୍ଦରାୟପୁରରେ ଇଦ୍ ପାଳିତ

**ବୈଶିଙ୍ଗା,୨୧।୩(ରତନ ଦାଶ)**

ବୈଶିଙ୍ଗା ଥାନା କଳମା ପଞ୍ଚାୟତର ଗୋବିନ୍ଦରାୟପୁର ଏବଂ ଚଷାଖଣ୍ଡ ପଞ୍ଚାୟତର ଜଙ୍ଗରାଇ ଗ୍ରାମର ଶନିବାର ଇଦ୍ ପର୍ବ ପାଳିତ ହୋଇଛି। ଗୋବିନ୍ଦରାୟପୁର ଗ୍ରାମରେ ଥିବା ଆଇସା ଜାମା ମସଜିଦ୍‌ରେ ସମବେତ ନମାଜ ପାଠ ପରେ ଇଦ୍–ମୁବାରକ ଜଣାଇଥିଲେ। ମୌଲାନା ଗୁଲାମ ମଇଉଦ୍ଦିନଙ୍କ ସମେତ ସେକ୍ ସରଜୁଦ୍ଦିନ, ଆଜମଲ ଖାଁ, ଏକିଲ ଖାଁ, ମଲ୍ଲିକ ୱାଦିଲ, ମଲ୍ଲିକ ରବି, ମଲ୍ଲିକ ନେକରୁଦ୍ଦିନ ପ୍ରମୁଖ ସହଯୋଗ କରିଥିଲେ।

# ପ୍ଲାଣ୍ଟ ବିରୋଧୀ ନେତାଙ୍କ ଗିରଫଦାରୀଙ୍କୁ ସିପିଡିଆରଏସ୍‌ର ନିନ୍ଦା

**ପାଟଣା,୨୧।୩ (ବୀର କିଶୋର ଦାଶ)**

ପାଟଣା ବ୍ଲକ୍‌ର ଚେମେଣା ପଞ୍ଚାୟତର ଧନୁର୍ଜୟପୁରରେ ଶୁକ୍ରବାର ଜିନ୍ଦଲ, ପୋସ୍କୋ ପ୍ରତିରୋଧ ମଞ୍ଚ ପକ୍ଷରୁ ପ୍ରତିବାଦ ସମୟରେ ପୋଲିସର ଲାଠିଚାର୍ଜ ଓ ୪ ନେତାଙ୍କୁ ଗିରଫ କରାଯାଇଥିଲା। ଘଟଣାକୁ ସେଣ୍ଟର୍ ଫର୍ ପ୍ରୋଟେକ୍ସନ ଅଫ ଡେମୋକ୍ରାଟିକ ରାଇଟ୍ସ ଆଣ୍ଡ ସେକ୍ୟୁଲାରିଜିମ (ସିପିଡିଆରଏସ), ଓଡ଼ିଶା ଶାଖା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି।

ସଂଗଠନର ରାଜ୍ୟ ଆବାହକ ବିଶ୍ୱାବସୁ ଦାସ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି, ଜିନ୍ଦଲ–ପୋସ୍କୋ ପ୍ରତିରୋଧ ମଞ୍ଚର ସଦସ୍ୟଙ୍କ ସହ ସ୍ଥାନୀୟ ଲୋକ ଜମି ଅଧିଗ୍ରହଣ ସମ୍ପର୍କିତ ଏକ ଗ୍ରାମସଭାରେ ଯୋଗଦେବାକୁ ଯାଉଥିଲେ। ପୋଲିସ ସେମାନଙ୍କୁ ଲାଠି ଚାଳନା କରି ଘଉଡ଼ାଇ ଦେଇଥିଲା। ପୋଲିସ ଆକ୍ରମଣରେ ଜମୁନାପୋଷିର ପ୍ରତିମା ନାଏକ ଓ କୋଡ ଖମପଣର ଜୟମତୀ ନାଏକ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏହାସହ ଆନ୍ଦୋଳନ ରତ ଅମୀୟ ନାଏକ, ମନୋହର ମହାନ୍ତ, ଧନେଶ୍ୱର ମହାନ୍ତ ଏବଂ ନିର୍ମଳ ମହାନ୍ତଙ୍କୁ ବେଆଇନ ଭାବରେ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସରକାରୀ ଖର୍ଚ୍ଚରେ ସମସ୍ତ ଆହତଙ୍କ ପାଇଁ ରାଜ୍ୟ ସରକାର ସର୍ବୋତ୍ତମ ଚିକିତ୍ସା ସୁନିଶ୍ଚିତ କରିବା ସହ ବିକ୍ଷୋଭ ସମୟରେ ଗିରଫ ବ୍ୟକ୍ତିଙ୍କୁ ତୁରନ୍ତ ବିନା ସର୍ତ୍ତରେ ମୁକ୍ତ କରିବା, ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ଏକ ଉଚ୍ଚସ୍ତରୀୟ ସ୍ୱାଧୀନ ନ୍ୟାୟିକ ତଦନ୍ତ ଆରମ୍ଭ କରାଯିବା ପାଇଁ ଦାବି କରାଯାଇଛି। ନାଗରିକ ସମାଜ, ଆଇନଜୀବୀ ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ଗମ୍ଭୀର ଉଲ୍ଲଂଘନକୁ ବିଚାରକୁ ନେବାକୁ ସିପିଡିଆରଏସ ଆବାହକ ଦାସ କହିଛନ୍ତି।

# ମେଘଦୂତ ତରଫରୁ ବିଶ୍ୱ ବନ ଦିବସ ପାଳିତ

**ଆନନ୍ଦପୁର,୨୧।୩(ସୁଶାନ୍ତ କୁମାର ସାହୁ)**



କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଧୀନ ଫକୀରପୁରସ୍ଥିତ ସାମାଜିକ ସଂଗଠନ 'ମେଘଦୂତ' ତରଫରୁ ଶନିବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରକୃତି ସୁରକ୍ଷା, ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ଚାରାରୋପଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। 'ମେଘଦୂତ'ର ସମ୍ପାଦକ ପୁଷ୍ପଲତା ସାହୁ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ 'ମେଘଦୂତ'ର ପ୍ରତିଷ୍ଠାତା ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ ବନ୍ୟପ୍ରାଣୀ ସଂରକ୍ଷଣ ଓ ଚାରାରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ଚାରାଗୁଡ଼ିକର କିଭଳି ଯତ୍ନ ନିଆଯାଇପାରିବ ସେଥିପ୍ରତି ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ଆଗକୁ ଖରାର ପ୍ରକୋପ ବଢ଼ିବ, ତେଣୁ ଏହାକୁ ଆଖି ଆଗରେ ରଖି ବିଭିନ୍ନ ପ୍ରାଣୀ, ପକ୍ଷୀଙ୍କ ପାଇଁ ଜଳ ବ୍ୟବସ୍ଥା କରାଯିବ ବୋଲି ଆଲୋଚନା ହୋଇଥିଲା। ସାମାଜିକକର୍ମୀ ରାଜ କିଶୋର ବାରିକ, ମନୋଜ ସାହୁ, ରଞ୍ଜିତ୍ ନାୟକ, ତାପସ ସାହୁ ଏବଂ ଅଜୟ ସାହୁ ଯୋଗଦେଇଥିଲେ। ଆଗାମୀ ଦିନରେ ଜଙ୍ଗଲ ନିଆଁକୁ ରୋକିବା ପାଇଁ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ସଚେତନତା ଶିବିର ଆୟୋଜିତ ହେବ ବୋଲି ପ୍ରକୃତି ବନ୍ଧୁ ତ୍ରିଲୋଚନ ସୂଚନା ଦେଇଛନ୍ତି।


## ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
## ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

14001/22/2526

୨୦୨୬–୨୭ ଆର୍ଥିକ ବର୍ଷରେ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ଉପଯୁକ୍ତ କାରିଗରମାନଙ୍କଠାରୁ ନିମ୍ନଲିଖିତ ଯୋଜନାରେ ତା.୨୪.୦୪.୨୦୨୬ ରିଖ ସୁଦ୍ଧା ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| କ୍ର.ସଂ. | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧ | ସାମର୍ଥ୍ୟ ବୃଦ୍ଧି (Capacity Building) | |
| | (କ) ଗୁରୁଶିଷ୍ୟ ପରମ୍ପରା ତାଲିମ (GSP Training) | ଜାତୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ/ଜାତୀୟ ହସ୍ତଶିଳ୍ପ ମେରିଟ ପୁରସ୍କାରପ୍ରାପ୍ତ/ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ/ ରାଜ୍ୟ ହସ୍ତଶିଳ୍ପ ମେରିଟ ପୁରସ୍କାର ପ୍ରାପ୍ତ ଓ ରାଜ୍ୟ ହସ୍ତଶିଳ୍ପ ନମୁନା ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁ ଭାବରେ) ୧୫ ଜଣ କାରିଗରଙ୍କୁ ତାଲିମ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୁନ ଓଡ଼ିଆ ଭାଷାରେ ଲେଖା ଏବଂ ପଢା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ସେମାନେ ୬ ମାସ କିମ୍ବା ଅଧିକ ଅବଧିର ପ୍ରାଥମିକ ତାଲିମ ନେଇଥିବେ କିମ୍ବା ଅନ୍ୟୁନ ୩ ବର୍ଷ କାମ କରିବାର ଅଭିଜ୍ଞତା ଥିବ । ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । ଗୁରୁଙ୍କ ମାସିକ ପାରିତୋଷିକ ଟ.୩୦,୦୦୦/– (ଜାତୀୟ ସ୍ତରୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ) ଓ ଟ. ୨୫,୦୦୦/– (ରାଜ୍ୟ ସ୍ତରୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୫,୦୦୦/– । ତାଲିମ ଅବଧି: ଗ୍ରୁପ A ହସ୍ତଶିଳ୍ପ–୬ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ– ୪ ମାସ । |
| | (ଖ) ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ (MCP Training) | ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଅଧୀନରେ ସୂଚୀଭୁକ୍ତ ହୋଇଥିବା ନିପୁଣ ଶିଳ୍ପୀ (Empaneled MCP) ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫ ଜଣ ନୂତନ କାରିଗରଙ୍କୁ ତାଲିମ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୁନ ଓଡ଼ିଆ ଭାଷାରେ ଲେଖା ଏବଂ ପଢା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ସେମାନଙ୍କର ହସ୍ତଶିଳ୍ପ ପ୍ରତି ରୁଚି ଏବଂ ଆଗ୍ରହ ଥିବ । ସେମାନେ ହସ୍ତଶିଳ୍ପର ଅନ୍ୟ କୌଣସି ଯୋଜନାରେ ଏହି ପ୍ରକାରର ତାଲିମ ନେଇନଥିବେ । ନିପୁଣ ଶିଳ୍ପୀଙ୍କ ମାସିକ ପାରିତୋଷିକ ଟ.୨୨,୫୦୦/– (ଗ୍ରୁପ୍ A) ଓ ଟ.୨୦,୦୦୦/– (ଗ୍ରୁପ୍ B) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୨,୦୦୦/– । ତାଲିମ ଅବଧି ଗ୍ରୁପ୍ A ହସ୍ତଶିଳ୍ପ–୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ–୬ ମାସ । |
| | (ଗ) ଶିଳ୍ପୀଗ୍ରାମ ଯୋଜନା (CVP Training) | ହସ୍ତଶିଳ୍ପ ପୁଞ୍ଜର କାରିଗରମାନଙ୍କୁ ଆତ୍ମନିଯୁକ୍ତି ସହାୟତା ପ୍ରଦାନ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି, କାରିଗରୀ କୌଶଳ ଅଭିବୃଦ୍ଧି ତାଲିମ ଓ ଯନ୍ତ୍ରପାତି ଯୋଗାଣ କାର୍ଯ୍ୟକ୍ରମ ପାଇଁ ୨ ଗୋଟି ବା ତତୋଧିକ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୁନ ୩୦ ଜଣ କାରିଗରଙ୍କୁ ବିଚାରକୁ ନିଆଯିବ । ଶିକ୍ଷାର୍ଥୀ ଅନ୍ୟୁନ ଓଡ଼ିଆ ଭାଷାରେ ଲେଖା ଏବଂ ପଢା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ପ୍ରଶିକ୍ଷକଙ୍କ ମାସିକ ପାରିତୋଷିକ ଟ.୨୨,୫୦୦/– (ଗ୍ରୁପ୍ A) ଓ ଟ.୨୦,୦୦୦/– (ଗ୍ରୁପ୍ B) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୨,୦୦୦/– । ତାଲିମ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ– ୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ–୬ ମାସ । |
| ୨. | ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ନିର୍ମାଣ ଯୋଜନା (Construction of Workshed for Handi-craft Artisans) | ହସ୍ତଶିଳ୍ପ କାରିଗରମାନଙ୍କୁ ୨୪୦ ବର୍ଗଫୁଟର କର୍ମଶାଳା ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/– (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/–) ର ଅନୁଦାନ । ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । କାରିଗରଙ୍କ ପରିବାର କେବଳ ଜଣେ ସଦସ୍ୟ ଏହି ଯୋଜନା ଅଧୀନରେ ଲାଭ ପାଇବାକୁ ଯୋଗ୍ୟ ହେବେ / ପରିବାରର କୌଣସି ସଦସ୍ୟ ସରକାରୀ ଚାକିରୀ କରିନଥିବେ/ କାରିଗରଙ୍କ ବାର୍ଷିକ ଆୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇନଥିବ/କାରିଗରଙ୍କ ବାର୍ଷିକ ରୋଜଗାରର ପ୍ରାୟ ୫୦ ପ୍ରତିଶତ ଟଙ୍କା ତାଙ୍କର ହସ୍ତଶିଳ୍ପ ବୃତ୍ତିରୁ ରୋଜଗାର ହେଉଥିବା ଆବଶ୍ୟକ । |
| ୩. | ଶିଳ୍ପୀ ଉନ୍ନତି ଯୋଜନା (Silpi Unnati Yojana) | ୧୮ ରୁ ୬୦ ବର୍ଷ ବୟସ ସୀମା ମଧ୍ୟରେ ପାରମ୍ପରିକ/ତାଲିମ ପ୍ରାପ୍ତ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କ ମାଧ୍ୟମରେ ସର୍ବାଧିକ ଟ.୫୦,୦୦୦/– ଋଣ ପ୍ରଦାନ । କେବଳ ଚାନ୍ଦୁଆ ଶିଳ୍ପ, ପଟ୍ଟଚିତ୍ର, କଂସା ଓ ପିତ୍ତଳ କାମ, ପଥର ଖୋଦେଇ, କାଠ ଖୋଦେଇ, ଆଦିବାସୀ ଅଳଙ୍କାର ଏବଂ ଢୋକ୍ରା କାମ ପାଇଁ ସର୍ବାଧିକ ଟ.୧,୦୦,୦୦୦/– ଋଣ ପ୍ରଦାନ । ପ୍ରକଳ୍ପ ମୂଲ୍ୟର ୨୦% (ସର୍ବାଧିକ ଟ.୨୦,୦୦୦/– ର) ଆର୍ଥିକ ଅନୁଦାନ ସହାୟତା । ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । |

**ବି.ଦ୍ର.:** ଗ୍ରୁପ୍ A ହସ୍ତଶିଳ୍ପ– ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, କାଠ ଖୋଦେଇ, ପଥର ଖୋଦେଇ, ରୁପା ତାରକସି କାମ, କଂସା ଓ ପିତ୍ତଳ କାମ, ଢୋକ୍ରା କାମ, କଳା ଢୋକ୍ରା କାମ, ତାମ୍ର କାମ, ନମନୀୟ ପିତ୍ତଳ ମାଛ କାମ ।
ଗ୍ରୁପ୍ B ହସ୍ତଶିଳ୍ପ– ଅନୁମୋଦିତ ଅନ୍ୟାନ୍ୟ ୫୪ ଗୋଟି ହସ୍ତଶିଳ୍ପ ।
ଉପରୋକ୍ତ ସମସ୍ତ ଯୋଜନାଗୁଡିକର ସବିଶେଷ ତଥ୍ୟ ସମ୍ପୃକ୍ତ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟରେ ଉପଲବ୍ଧ । ଆଗ୍ରହୀ ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ଯୋଜନା ଗୁଡିକରେ ସହାୟତା ପାଇଁ ଅନଲାଇନ୍ ମାଧ୍ୟମରେ https://crafts.odisha.gov.in/ ୱେବସାଇଟ ପରିଦର୍ଶନ କରି Apply Online ଉପରେ Click କରି https://spdp.odisha.gov.in/ ରେ ପ୍ରବେଶ କରିବା ପରେ ଆବେଦନ କରିବାକୁ ଚାହୁଁଥିବା ଯୋଜନାରେ Apply Now ଉପରେ Click କରି ଆବେଦନ କରିପାରିବେ । ଏହି ୱେବସାଇଟ ତା.୧୯.୦୩.୨୦୨୬ରିଖରୁ ତା.୨୪.୦୪.୨୦୨୬ ରିଖ ପର୍ଯ୍ୟନ୍ତ ଆବେଦନ କରିବା ପାଇଁ ଉନ୍ମୁକ୍ତ ରହିବ । ଏଥିସମ୍ବନ୍ଧୀୟ ବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) / ହସ୍ତଶିଳ୍ପ ବିକାଶ ଅଧିକାରୀ ତଥା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ ସେବା– ୧୮୦୦ ୩୪୫ ୭୮୫୦ ରେ ଯୋଗାଯୋଗ କରିବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ ।

ସ୍ୱା./– ନିର୍ଦ୍ଦେଶିକା
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-14001/14008/1/25-26/0001

# କାର୍ଯ୍ୟ ତ୍ୱରାନ୍ୱିତ, ବକେୟା ବିଲ୍ ପ୍ରଦାନ ପାଇଁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ




ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥି।

## ଖଇରା ବ୍ଲକରେ ବିଧାୟକଙ୍କ ସମୀକ୍ଷା ବୈଠକ

**ଖଇରା, ୨୧ ।୩(ଉତ୍କଳବନ୍ଧୁ ପଣ୍ଡା):** ବାଲେଶ୍ୱର ଜିଲା ଅନ୍ତର୍ଗତ ସିମୁଲିଆ ନିର୍ବାଚନମଣ୍ଡଳୀରେ ବିଧାୟକ ହାତପାଣ୍ଠି ଖର୍ଚ୍ଚ ନୈରାଶ୍ୟଜନକ ସ୍ଥିତିରେ ରହିବା ତଥା ବିକଶିତ ଗାଁ ବିକଶିତ ଓଡିଶା, ଦାନା ଭଳି ବହୁ ଯୋଜନାରେ ଅର୍ଥ ଖର୍ଚ୍ଚ ପଡିରହିବା ଭଳି ସ୍ଥିତି ସମ୍ବନ୍ଧରେ ଆଲୋଚନା ପାଇଁ ଖଇରା ବ୍ଲକ ପରିସରରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଇରା ବିଡିଓ ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପଦ୍ମଲୋଚନ ପଣ୍ଡା ଉପସ୍ଥିତ ରହି ପ୍ରତ୍ୟେକଟି ଯୋଜନାର ସମୀକ୍ଷା କରିଥିଲେ। ବିଧାୟକଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିବା ତଥା ଯାହା ବି ସମ୍ପୂର୍ଣ୍ଣ ହୋଇଛି ଠିକାଦାରଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରା ନ ଯିବା ପାଇଁ କନିଷ୍ଠଯନ୍ତ୍ରୀ ଦାୟୀ ବୋଲି ଲୋକପ୍ରତିନିଧିମାନେ ଅଭିଯୋଗ କରିବା ପରେ ବିଧାୟକ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଯାହା ବକେୟା ବିଲ୍ ରହିଛି ମାର୍ଚ୍ଚ ୩୧ ପୂର୍ବରୁ ଏହା ପ୍ରଦାନ କରି ବିନିଯୋଗ ପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୩୭ ପଞ୍ଚାୟତ ପାଇଁ ବର୍ତ୍ତମାନ ୧୧ଜଣ କନିଷ୍ଠଯନ୍ତ୍ରୀ ଥିବା ବେଳେ କାର୍ଯ୍ୟରେ ଆଶାନୁରୂପ ଅଗ୍ରଗତି ନ ହେବାକୁ ନେଇ ବିଧାୟକ କ୍ଷୁବ୍ଧ ହେବା ସହ ଯନ୍ତ୍ରୀମାନଙ୍କୁ ଯେଉଁ ୩ ବା ୪ ପଞ୍ଚାୟତ ଦିଆଯାଉଛି ପାଖାପାଖି ପଞ୍ଚାୟତ ଦେବାକୁ ବିଡିଓଙ୍କୁ କୁହାଯାଇଥିଲା। ବିଧାୟକ ହାତପାଣ୍ଠି ଖର୍ଚ୍ଚରେ ଜିଲାରେ ସିମୁଲିଆ ନିର୍ବାଚନ ମଣ୍ଡଳୀ ପଛରେ ରହିଥିବାରୁ ଭାଜପା ହାଇକମାଣ୍ଡଙ୍କ ତରଫରୁ ଚାପ ପଡିବା ପରେ ଏଭଳି ସମୀକ୍ଷା ବୈଠକ ଡକାଯାଇଥିବା କୁହାଯାଉଛି। ବୈଠକରେ ଖୋଦ ବିଧାୟକ ତାଙ୍କ ବକ୍ତବ୍ୟରେ ଏ ବିଷୟ ପ୍ରକାଶ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ମାନସ ଦାଶ, ମୁଖ୍ୟ କିରାଣି ବ୍ରହ୍ମାନନ୍ଦ ଦାଶ ଓ ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ଗୁରୁ କେଳୁଚରଣ ଥିଲେ ଶାସ୍ତ୍ରୀୟ ନୃତ୍ୟର ମହାନ୍ ସାଧକ'




ଛାତ୍ରୀ ତପସ୍ୟାଙ୍କୁ ଅତିଥିମାନେ ନୃତ୍ୟ ସ୍ମୃତି ସମ୍ମାନ ପ୍ରଦାନ କରୁଛନ୍ତି।

## ଗୁରୁକୀର୍ତ୍ତି ପକ୍ଷରୁ ଗୁରୁ ସ୍ମରଣେ କାର୍ଯ୍ୟକ୍ରମ

**ବାଲେଶ୍ୱର, ୨୧ ।୩(ବାଞ୍ଛାନିଧି ଦେ):** ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ର ଜଣେ ସୃଜନଶୀଳ ମହାପୁରୁଷ ଥିଲେ। ଯାହାଙ୍କର ଅତୁଳନୀୟ ଅବଦାନରେ ଓଡ଼ିଶୀ ନୃତ୍ୟ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ବିଂଶ ଶତାବ୍ଦୀରେ ଓଡ଼ିଶୀର ପୁନରୁତ୍ଥାନ ଓ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଓଡ଼ିଶୀ ନୃତ୍ୟର ଗରିମା ବୃଦ୍ଧି ସହ ଶାସ୍ତ୍ରୀୟ ନୃତ୍ୟର ପ୍ରସାର କ୍ଷେତ୍ରରେ ତାଙ୍କ ଅତୁଳନୀୟ ଅବଦାନ ସର୍ବଦା ପ୍ରେରଣାର ଉତ୍ସ। ସେ ଶାସ୍ତ୍ରୀୟ ନୃତ୍ୟର ଜଣେ ମହାନ୍ ସାଧକ ଥିଲେ ବୋଲି ବାଲେଶ୍ୱର ଗାନ୍ଧି ସ୍ମୃତି ଭବନରେ ଶନିବାର ଆୟୋଜିତ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଅନୁଷ୍ଠାନ ଗୁରୁକୀର୍ତ୍ତି ପକ୍ଷରୁ ଗୁରୁ ଶ୍ରୀ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଗୁରୁ ସ୍ମରଣେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁକୀର୍ତ୍ତିର ସଭାପତି ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଦୁଷୀ ସୁଜାତା ମହାପାତ୍ର ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ମୁଖ୍ୟବକ୍ତା ଶିଳ୍ପ ବିଭାଗ ନିର୍ଦ୍ଦେଶକ ଆବୋଲି ସୁନୀଲ ନରୱାଣେ ଓ ସମ୍ମାନିତ ଅତିଥି ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ବିଦୁଷୀ ପ୍ରଣତି ମହାନ୍ତି ଯୋଗଦେଇ ଶାସ୍ତ୍ରୀୟ ନୃତ୍ୟ ଆମର ଗର୍ବ ଏବଂ ସାଧନା ହିଁ ସୁଯୋଗର ଚାବିକାଠି ବୋଲି ବକ୍ତବ୍ୟରେ କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଯତୀନ୍ଦ୍ର କୁମାର ମହାନ୍ତି ଶିକ୍ଷା ସ୍ମୃତି ସମ୍ମାନ ଓ ଛାତ୍ରୀ ତପସ୍ୟା ମିଶ୍ରଙ୍କୁ କୁମୁଦିନୀ ମହାନ୍ତି ନୃତ୍ୟ ସ୍ମୃତି ସମ୍ମାନ ସହ ୫ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏଥିସହ ବହୁ ବିଶିଷ୍ଟ ପ୍ରତିଭାଙ୍କୁ ଅତିଥିମାନେ ମାନପତ୍ର ସହ ଅର୍ଥରାଶି ପ୍ରଦାନ କରିଥିଲେ। ବିଦୁଷୀ ସୁଜାତା ମହାପାତ୍ର ଓ କନ୍ୟା ପ୍ରୀତିଶା ମହାପାତ୍ରଙ୍କ ସମେତ ଗୁରୁକୀର୍ତ୍ତିର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ସୁବ୍ରତା ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ସୁଭାଷ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଗୌରୀଶଙ୍କର ମହାପାତ୍ର, ସବିତା ମହାପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବଳାତ୍କାର ପରେ ମହିଳାଙ୍କୁ ହତ୍ୟା ଧମକ, ଅଭିଯୁକ୍ତ ଗିରଫ

**ନୀଳଗିରି,୨୧ ।୩(ପ୍ରଶାନ୍ତ ବିଶ୍ୱାଳ):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଞ୍ଚଳରେ ଜଣେ ଆଦିବାସୀ ବିଧବା ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ଧମକ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ବରହମପୁର ଥାନା ତେଲିପାଳ ପଞ୍ଚାୟତ ଅଞ୍ଚଳର ଜଣେ ବିଧବା ଗତ ୨୦ତାରିଖରେ ବଡ଼ଭଉଣୀ ଘରକୁ ଭୋଜି ଖାଇବାକୁ ଯାଇଥିଲେ। ସେଠାରୁ ଫେରିବା ବାଟରେ ରାତି ପ୍ରାୟ ୮ଟା ବେଳେ କେନ୍ଦୁଆ ଗ୍ରାମରେ ରହୁଥିବା ଜଳେଶ୍ୱର ଅଞ୍ଚଳର ଅଜୟ ହେମ୍ବ୍ରମ (୪୬) ମହିଳାଙ୍କୁ ଏକୁଟିଆ ପାଇ କେନ୍ଦୁଆସ୍ଥିତ ପାଣିଟାଙ୍କି ନିକଟ ଏକ ବୁଦାପାଖରେ ଜବରଦସ୍ତ ବଳାତ୍କାର କରିଥିଲେ। ଏହି ଘଟଣା ବିଷୟରେ ପୋଲିସ ନିକଟରେ କିମ୍ବା ବାହାରେ ପ୍ରକାଶ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ସମ୍ପୃକ୍ତ ମହିଳା ଗତ ୨୧ତାରିଖ ବରହମପୁର ଥାନାରେ ଦ୍ୱାରସ୍ଥ ହୋଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତତ୍ପରତା ଦେଖାଇ ବରହମପୁର ଥାନା ପକ୍ଷରୁ ଏକ ମାମଲା (ନଂ. ୩୯/୨୬) ରୁଜୁ କରି ତୁରନ୍ତ ଅଜୟଙ୍କୁ ଗିରଫ କରିଥିଲା। ଅଜୟ ଓ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଥିଲା। ଅଜୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

### ଜଣ୍ଡିସ୍‌ରେ ୭ ଆକ୍ରାନ୍ତ

**ବାହାନଗା, ୨୧ ।୩(ଅରୂପ କୁମାର ଦାସ):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଆପିତିରା ଗ୍ରାମର ସୁଦାମସାହିରେ ଦୂଷିତ ପାଣି ପିଇ ୭ରୁ ଅଧିକ ଛାତ୍ରୀଛାତ୍ର ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ସେହି ସାହିକୁ ପାଇପ୍ ଯୋଗେ ଶୁଦ୍ଧ ପାନୀୟଜଳ ଯୋଗାଣ ହୋଇପାରି ନ ଥିବା ଯୋଗୁ ସାହି ବାସିନ୍ଦା ସରକାରୀ ନଳକୂପ ପାଣି ପିଇବା ସହ ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ କରିଥାନ୍ତି। ନଳକୂପ ମୂଳରେ ମଇଳା ପାଣି ଜମାଟ ବାନ୍ଧି ରହୁଥିବାରୁ ସେହି ପାଣି ପୁନର୍ବାର ତଳକୁ ଯାଇ ନଳକୂପରୁ ବାହାରୁଛି। ଫଳରେ ଲୋକମାନେ ପାନୀୟ ଜଳ ରୂପେ ବ୍ୟବହାର କରିବା ଯୋଗୁ ୬ରୁ ଅଧିକ ପରିବାର ୭ରୁ ଅଧିକ ପିଲାମାନେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଅସୁସ୍ଥମାନେ ଶନିବାର ଆପିତିରା ଏଏନ୍ଏମ୍ ସେଣ୍ଟରକୁ ଚିକିତ୍ସା ପାଇଁ ଆସିଥିଲେ। ଖବରପାଇ ଗୋପାଳପୁର ମେଡିକାଲ ଟିମ୍ ସାହିକୁ ଆସି ତଦାରଖ କରିବା ସହିତ ସମ୍ପୃକ୍ତ ନଳକୂପର ପାଣିକୁ ବ୍ୟବହାର ନ କରିବାକୁ କହିଛନ୍ତି। ନଳକୂପ ମୂଳରେ ବ୍ଲିଚିଂ ପାଉଡର ମଧ୍ୟ ଛିଞ୍ଚାଯାଇଛି। ଗୁରୁତର ପିଲାମାନଙ୍କୁ ଚିକିତ୍ସା ଲାଗି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ମୁଖ୍ୟ ହସ୍ପିଟାଲକୁ ନିଆଯାଇଛି।

### କଟୁରି ଲଗାଇ ଲୁଟିନେଲେ ମୋବାଇଲ୍, ଟଙ୍କା

**ନୀଳଗିରି, ୨୧ ।୩(ପ୍ରଶାନ୍ତ ବିଶ୍ୱାଳ):** ନୀଳଗିରି ଥାନା ଅନ୍ତର୍ଗତ ଅଯୋଧ୍ୟା ଜାମବଣି ରାସ୍ତାରେ ଜଣେ ଯୁବକ ବେକରେ ତେଲେଙ୍ଗା କଟୁରୀ ଲଗାଇ ୨ ଜଣ ଅଜଣା ଯୁବକ ଏକ ମୋବାଇଲ୍ ସହ ପର୍ସରେ ଥିବା ୫ହଜାର ଟଙ୍କା ଲୁଟି ନେଇଥିବା ନୀଳଗିରି ଥାନାରେ ଅଭିଯୋଗ ହୋଇଛି।
ମହିଷାପଟା ଗ୍ରାମର ବୈଦ୍ୟନାଥ ସିଂଙ୍କ ପୁଅ ତପନ କୁମାର ସିଂ (୨୬) ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ରୁ ୮ଟା ମଧ୍ୟରେ ଘରକୁ ଫେରୁଥିବା ବେଳେ ଅଯୋଧ୍ୟାପଟୁ ଏକ ବାଇକ୍‌ରେ ୨ଜଣ ଅଚିହ୍ନା ଯୁବକ ତାଙ୍କୁ ଅଯୋଧ୍ୟା ଜାମବଣି ରାସ୍ତାର ନିଛାଟିଆ ଜାଗାରେ ଅଟକାଇ ବେକରେ ତେଲେଙ୍ଗା କଟୁରୀ ଲଗାଇ ତାଙ୍କର ମୋବାଇଲ୍ ଓ ମନିପର୍ସରେ ଥିବା ୫ହଜାର ଟଙ୍କା ଲୁଟ୍ କରି ମିତ୍ରପୁର ଆଡ଼କୁ ପଳାଇଯାଇଥିଲେ। ଏନେଇ ତପନ ଶନିବାର ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### ସାମାଜିକ ସଦ୍ଭାବନା ସମ୍ମିଳନୀ

**ଗାନ୍ଧିଛକ, ୨୧ ।୩(ଦିଲୀପ ପଣ୍ଡା):** ସିଂଲା ଥାନା ଅଧୀନ ବେଲଦାଣ୍ଡିଆ ଗଦାଧର କର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଶନିବାର ସମାଜିକ ସଦ୍ଭାବନା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମାଜରେ ଅବହେଳିତ ଲୋକ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ସେ ବିଷୟରେ ଆଲୋଚନା ହୋଇଥିଲା। ମୁଖ୍ୟବକ୍ତା ଜିଲା ସଂଘ ଚାଳକ ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର, ସଂଯୋଜକ ଅଭିରାମ କମିଲା, ସହ ସଂଯୋଜକ ଅବିନାଶ ପାତ୍ର, ରାଷ୍ଟ୍ର ସେବିକା ସମିତି ସଂଯୋଜିକା ମିନତୀ ରାଣୀ ନାୟକ, ରଘୁନାଥ ପାତ୍ର, ପରେଶ କୁମାର ବେହେରା, ଅକ୍ଷୟ କୁମାର ପଣ୍ଡା, ଉମାଶଙ୍କର ବାରିକ, ନିହାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପରିବେଶ ସୁରକ୍ଷା ପାଇଁ ପ୍ରକୃତିବନ୍ଧୁଙ୍କ ସ୍ୱଚ୍ଛତାର ବାର୍ତ୍ତା

## ବେଳାଭୂମି ସଫେଇ ଅଭିଯାନ

**ବାଲେଶ୍ୱର, ୨୧ ।୩(ବାଞ୍ଛାନିଧି ଦେ):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କଷାଫଳ ବେଳାଭୂମିସ୍ଥିତ ବାରୁଣୀ ମେଳା ପଡ଼ିଆରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ପକ୍ଷରୁ ଶନିବାର ବେଳାଭୂମି ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ କଷାଫଳ ବାରୁଣୀ ଘାଟକୁ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଅଞ୍ଚଳରୁ ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରିବା ପାଇଁ ପହଞ୍ଚିଥିଲେ। ଏଥିସହିତ ବେଳାଭୂମିରେ ଏକ ବୃହତ୍ ମେଳା ମଧ୍ୟ ବସିଥିଲା। ମେଳା ସରିବା ପରେ ସମୁଦ୍ର ତଟ ଓ ଝାଉଁ ଜଙ୍ଗଲ ଭିତରେ ବହୁ ପରିମାଣର ପ୍ଲାଷ୍ଟିକ୍ ଆବର୍ଜନା ଯଥା ପଲିଥିନ ଜରି, ପ୍ଲାଷ୍ଟିକ ବୋତଲ ଏବଂ ପାଣି ପାଉଚ ଆଦି ପଡିରହିଥିଲା। ଯାହା ଭବିଷ୍ୟତରେ ପରିବେଶ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରିଥାନ୍ତା। ଏହାକୁ ଲକ୍ଷ୍ୟ କରି କମିଟି ସଭାପତି ସାମାଜିକ କର୍ମୀ ତଥା ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରୁଣୀ ମେଳା ପଡ଼ିଆରୁ ସାରଙ୍ଗ ଦେବ ମନ୍ଦିର ପର୍ଯ୍ୟନ୍ତ ପଡ଼ିଥିବା ଅଳିଆ ଆବର୍ଜନାକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ସମାଜକୁ ସ୍ୱଚ୍ଛତାର ଏକ ପ୍ରଶଂସନୀୟ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମୁକୁନ୍ଦ ଆଦିକ, ନାଏବ ସରପଞ୍ଚ ପ୍ରିୟ ରଞ୍ଜନ ପୃଷ୍ଟି, ମା' ମନସା କ୍ଲବ ଛୟାଳିଆ ଏବଂ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟିର ସଦସ୍ୟ ସାମିଲ ହୋଇଥିଲେ।




ସଫେଇ ଅଭିଯାନରେ ସାମିଲ ସ୍ୱେଚ୍ଛାସେବୀ।

# ପିଲାଚୋରି ସନ୍ଦେହ ଅଣଓଡ଼ିଆ ଯୁବକଙ୍କୁ ପିଟିଲେ ଲୋକେ

**ବାହାନଗା, ୨୧ ।୩(ଅରୂପ କୁମାର ଦାସ):** ବାହାନଗା ବ୍ଲକ ସାହାସପୁରା ପଞ୍ଚାୟତ ଝାଡତା ଗ୍ରାମକୁ ପିଲା ଚୋରି କରିବାକୁ ଆସିଥିବା ଅଣଓଡ଼ିଆ ଯୁବକଙ୍କୁ ନିର୍ଘୁମ ପିଟିଛନ୍ତି ଲୋକେ। ଗ୍ରାମର ଶୁକ ଜେନାଙ୍କ ପୁଅ ସୁରେନ୍ଦ୍ର ଜେନା ଗାଁ ଶେଷମୁଣ୍ଡରେ ଘର କରି ରୁହନ୍ତି। ଶୁକ୍ରବାର ରାତି ୧ଟାରେ କେହି କବାଟ ବାଡେଇଥିଲେ। ସୁରେନ୍ଦ୍ର କିଏ ବୋଲି ପଚାରିବାରୁ ହିନ୍ଦୀରେ କବାଟ ଖୋଲ ବୋଲି କହିଥିଲେ। ସେ ମନା କରିବାରୁ କବାଟ ଭାଙ୍ଗିଦେବା ସହ ଘର ପୋଡ଼ିଦେବାକୁ ଧମକ ଦେଇଥିଲେ। ଛୁଆ କେଉଁଠି ଅଛି ଆମକୁ ଦେଇଦେ ବୋଲି କହି ବାହାରପଟୁ ଧମକ ଦେଇଥିଲେ। ସୁରେନ୍ଦ୍ର ନ ଖୋଲିବାରୁ କବାଟକୁ ଧକ୍କା ମାରିବା ସହିତ କବାଟ ଫାଙ୍କରେ ଭୁଜାଲି ପୂରାଇ ଭୟଭୀତ କରାଇଥିଲେ। ଏହି ସମୟରେ ସୁରେନ୍ଦ୍ର ତାଙ୍କ ବାପାଙ୍କୁ ଫୋନ ଯୋଗେ ଡକାଇବାରୁ ସେ ଆସି ଏକ ଠେଙ୍ଗାରେ ଜଣଙ୍କୁ ପ୍ରହାର କରିବାରୁ ସୁରେନ୍ଦ୍ର କବାଟ ଖୋଲି ବାହାରକୁ ଆସି ଜଣଙ୍କୁ କାବୁ କରି ପକାଇଥିଲେ। ଏହିସମୟରେ ଅନ୍ୟ ୨ଜଣ ଅଣଓଡ଼ିଆ ଯୁବକ ଦୌଡ଼ି ପଳାଇ ଥିଲେ। କାବୁ କରିଥିବା ଯୁବକଙ୍କୁ ବାନ୍ଧି ଗ୍ରାମବାସୀ ପିଟିବା ପରେ ସେ ପିଲା ଚୋରି କରିବାକୁ ଆସିଥିବା ମାନିଥିଲେ। ପଳାଇଥିବା ୨ ଯୁବକଙ୍କ ନିକଟରେ ବନ୍ଧୁକ ଓ ଭୁଜାଲି ଅଛି ବୋଲି ପ୍ରକାଶ କରିଥିଲେ। ତାଙ୍କ ଘର ଆସାମ ଅଞ୍ଚଳରେ। ଶନିବାର ସକାଳେ ଗୋପାଳପୁର ଥାନା ପୋଲିସ ପହଞ୍ଚି ଗ୍ରାମବାସୀଙ୍କଠାରୁ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ପଚରାଉଚରା ପରେ ଯୁବକଙ୍କୁ ଛାଡି ଦେଇଥିଲେ।

# ନିଶା ବିରୋଧୀ ଲଢ଼େଇରେ ବଳିଷ୍ଠ ଭୂମିକା ପାଇଁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ହେଉଛନ୍ତି ଏଏସ୍‌ପି ଦିଲୀପ କୁମାର ସାହୁ।

**ଜଳେଶ୍ୱର,୨୧ ।୩(ନବୀନ ସାହୁ)–** ଜଳେଶ୍ୱରର ପ୍ରାକ୍ତନ ଏସ୍‌ଡିପିଓ ତଥା ବର୍ତ୍ତମାନର ବ୍ରହ୍ମପୁର ଏଏସ୍‌ପି ଦିଲୀପ କୁମାର ସାହୁଙ୍କୁ ଉଚ୍ଚକୋଟୀର ତଦନ୍ତ ପାଇଁ ସମ୍ବର୍ଦ୍ଧିତ କରିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ। ଏସ୍‌ଟିଏଫ୍‌ର ଦୁଇଟି ଏନ୍‌ଡିପିଏସ୍ ମାମଲାରେ ଦୋଷୀମାନଙ୍କୁ ନ୍ୟାୟାଳୟରେ ଦୋଷୀ ସାବ୍ୟସ୍ତ କରିବାରେ ବଳିଷ୍ଠ ଭୂମିକା ନେଇଥିବାରୁ ସାହୁଙ୍କୁ ଶୁକ୍ରବାର ଭୁବନେଶ୍ୱରଠାରେ ସମ୍ବର୍ଦ୍ଧିତ କରାଯାଇଛି।

ରାଜ୍ୟରେ ନିଶା କାରବାର ଉପରେ ରୋକ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଟାସ୍କଫୋର୍ସରେ ଡିଏସ୍‌ପି ଭାବେ କାମ କରୁଥିବା ସମୟରେ ସାହୁ ୨୦୨୧ ଓ ୨୦୨୨ରେ ବାଲେଶ୍ୱର ଓ ଜଳେଶ୍ୱରରୁ ବିପୁଳ ବ୍ରାଉନସୁଗାର ସହ ଅଭିଯୁକ୍ତମାନଙ୍କୁ ଧରିଥିଲେ। ଏହି ଘଟଣାରେ ସାହୁ ଅଭିଯୁକ୍ତଙ୍କ ବିରୋଧରେ ଉପଯୁକ୍ତ ସାକ୍ଷୀ ଯୋଗାଣ, ପ୍ରମାଣ ସଂଗ୍ରହ ଓ ଦଲିଲ ପ୍ରସ୍ତୁତ କରି ନ୍ୟାୟାଳୟରେ ଉପସ୍ଥାପନା କରିଥିଲେ। ଫଳରେ ଉଭୟ ମାମଲାର ମୁଦାଲାମାନଙ୍କୁ ଯଥାକ୍ରମେ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ଓ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ମାଦକ ଦ୍ରବ୍ୟ ବିରୋଧୀ ଲଢାଇରେ ସାହୁଙ୍କ ଏହି ପ୍ରୟାସ ଅନ୍ୟ ପୋଲିସ ଅଧିକାରୀଙ୍କ ପାଇଁ ଉଦାହରଣ ସାଜିବା ସହ ପୋଲିସ ବିଭାଗର ମର୍ଯ୍ୟାଦାକୁ ବଢ଼ାଇଛି ବୋଲି ବିବେଚନା କରାଯାଇ ପୋଲିସ ମହାନିର୍ଦ୍ଦେଶକ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି।

# ସାମୂହିକ ନମାଜ ପାଠ ପରେ ଜଣାଇଲେ ଇଦ୍ ମୁବାରକ



ପରସ୍ପରକୁ ଇଦ୍ ମୁବାରକ ଜଣାଉଛନ୍ତି।

**ବାଲେଶ୍ୱର,୨୧ ।୩ (ମୃତ୍ୟୁଞ୍ଜୟ ପଟ୍ଟନାୟକ):** ବାଲେଶ୍ୱର ପୌରପାଳିକା ଓ ତାର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଇସଲାମ ଧର୍ମାବଲମ୍ବୀ ପରିବାରଗୁଡ଼ିକ ଶନିବାର ଭାଇଚାରାର ପର୍ବ ଇଦ୍–ଉଲ୍–ଫିତର୍ ପାଳନ କରିଛନ୍ତି। ବାଲେଶ୍ୱର ସହର ଓ ତାର ଆଖପାଖ ଅଞ୍ଚଳରେ ଥିବା ସମସ୍ତ ମସଜିଦ୍ ଚଳଚଞ୍ଚଳ ହୋଇଉଠିଥିଲା। ସହରର ଦରଘା ମୈଦାନ, ଖ୍ୱାଜାବାଗ, ବାଲୁବଜାର, ପଠାନମହଲା, ସୁନହଟ, ଖଲାସୀ ମହଲା, କାଦ୍ରି ମହଲା, ମଛୁଆସାହି, କସବା ମହଲା, ମାଣିଖମ୍ବ, ସୁଏଲପୁର, ମୋତିଗଞ୍ଜ, କଚେରିବଜାର, ଖପରାପଦା, ଅରଡ଼ବଜାର ସମେତ ସହର ଉପକଣ୍ଠ ବାଲିଆ, କଣ୍ଟାବଣିଆ, ସୋମନାଥପୁର, ଚଷାଖଣ୍ଡ, ଖଡିପାହି, ଝାମ୍ପୁରା ହାଟ ଅଞ୍ଚଳର ବିଭିନ୍ନ ମସଜିଦରେ ମୁସଲମାନ ଧର୍ମାବଲମ୍ବୀ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପରେ ରସୁଲକଦମ୍‌ଠାରେ ସମସ୍ତେ ନିଜ ନିଜର ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିଲେ। ଦରଘା ମୈଦାନରେ ଅନୁଷ୍ଠିତ ସାମୂହିକ ନମାଜ ପାଠକୁ ଶେଖ୍ ଆସିକୁର ରହେମାନ୍ କାଦ୍ରି ପରିଚାଳନା କରିଥିଲେ। ଗୋଟିଏ ମାସର ଉପବାସ ପରେ ରୋଜା ଖୋଲିଥାଏ। ପରମ୍ପରା ଅନୁଯାୟୀ ମୁସଲମାନ ଭାଇମାନେ ଏହି ପର୍ବରେ ଅନ୍ୟକୁ ଦାନ କରି ପୁଣ୍ୟ ଅର୍ଜନ କରିଥାଆନ୍ତି ବୋଲି ଅବଦୁଲ ମୋହିତ ଖାଁ କହିଛନ୍ତି।

# ସ୍ଥାୟୀ ନିଯୁକ୍ତି ଦାବିରେ ଏପିଓଙ୍କ କଳାବ୍ୟାଜ୍ ପରିଧାନ

**ବାଲିଆପାଳ, ୨୧ ।୩(ରାଜଶ୍ରୀ ପାଣିଗ୍ରାହୀ):** ରାଜ୍ୟର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ଏମ୍‌ଜିଏନଆରଇଜିଏସ୍ ଅଧୀନରେ ଦୀର୍ଘ ୧୫ବର୍ଷ ଧରି କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ମାନଙ୍କ ସ୍ଥାୟୀ ନିଯୁକ୍ତି ଦାବି ନେଇ ରାଜ୍ୟରେ ସମସ୍ତ ବ୍ଲକର କାର୍ଯ୍ୟରତ ଏପିଓମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଆରମ୍ଭ କରିଛନ୍ତି। ଓଡ଼ିଶା ଷ୍ଟେଟ ଏମସି ଏବଂ ଏପିଓ ଆସୋସିଏଶନ (ଓସମା)ର ଆହ୍ୱାନରେ ବାଲେଶ୍ୱର ଜିଲା ସଂଘ ସଭାପତି ସୌମ୍ୟକାନ୍ତ ଦାସଙ୍କ ପରାମର୍ଶକ୍ରମେ ଜିଲାର ସମସ୍ତ ବ୍ଲକର ଏପିଓମାନେ କଳାବ୍ୟାଜ୍ ପରିଧାନ କରି ୧୮ ତାରିଖଠାରୁ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଆରମ୍ଭ କରିଛନ୍ତି। ଏହି ପ୍ରତିବାଦ ଆସନ୍ତା ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି।

# ସୋରରେ ଇଦ–ଉଲ–ଫିତର ପାଳିତ

**ସୋର, ୨୧ ।୩(ଜନ୍ମେଜୟ ମିଶ୍ର):** ସୋର ଡାକ୍ତରଖାନାସ୍ଥିତ ଇଦଘା ପଡ଼ିଆରେ ସମୂହ ନମାଜପାଠ କରାଯାଇଥିଲା। ସୋର ବିଧାୟକ ମାଧବ ଧଡ଼ାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତାମାନେ ସମସ୍ତଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଲେଶ୍ୱର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିରଞ୍ଜନ ବେହେରା, ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ , ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଓ ଅନନ୍ତପୁର ଥାନାଧିକାରୀ ସରୋଜ ଦାସଙ୍କ ନେତୃତ୍ୱରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଅନିଶ୍ଚିତତାରେ ଗୋପୀନାଥପୁର ବାସନ୍ତୀ ପୂଜା

**ଭୋଗରାଇ, ୨୧ ।୩(ପ୍ରଦୀପ ଦାସ):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗୋପୀନାଥପୁର ବାସନ୍ତୀ ପଡିଆରେ ହେବାକୁ ଯାଉଥିବା ସାର୍ବଜନୀନ ବାସନ୍ତୀ ପୂଜାକୁ ନେଇ ପୁଣି ବିବାଦ ଉପୁଜିବାରୁ ଏହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏହି ଘଟଣାକୁ ନେଇ ପ୍ରଶାସନ ବିରୋଧରେ ଗର୍ଜିଛି ପୂଜା କମିଟି। ଏଥିପାଇଁ ଶନିବାର ଅପରାହ୍ନରେ ପୂଜାକମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ପୂଜା କମିଟି ସୂଚନାନୁଯାୟୀ ଗତ ୨୦୧୧ରେ ଏଠାରେ ସାର୍ବଜନୀନ ବାସନ୍ତୀ ପୂଜା ଆରମ୍ଭ ହୋଇଥିଲା। ୨ ବର୍ଷ ପୂଜା ହେବା ପରେ ୨୦୧୩ରେ ଏହି କମିଟିରୁ ଅଲଗା ହୋଇ ଅନ୍ୟ ଏକ ଗୋଷ୍ଠୀ ପୂଜା କରିଥିଲେ ବୋଲି ସମ୍ପାଦକ ହୀରାଚାନ୍ଦ ଦାସ ଓ ଉପସଭାପତି ଅନିରୁଦ୍ଧ ପରିଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ୨୦୨୫ରେ ପୂଜାକୁ ନେଇ ୨ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ୨ଗୋଷ୍ଠୀ ଗୋଟିଏ ପଡିଆରେ ପୂଜା ନିମନ୍ତେ ଅଡ଼ି ବସିଥିଲେ ଓ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାସନ୍ତୀ ଦେବୀ ସହିତ ପାର୍ଶ୍ୱଦେବୀଙ୍କ ମୂର୍ତ୍ତିର ମୁଣ୍ଡ କାଟ ଘଟଣା ଚର୍ଚ୍ଚା ଜୋର ଧରିଥିଲା । ଆଇନଶୃଙ୍ଖଳା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ସେଠାରେ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ନିମନ୍ତେ ୧୬୩( ବିଏନଏସ ) ଧାରା ଜାରି କରାଯାଇ ପୂଜା ବନ୍ଦ ନିମନ୍ତେ ଉଭୟ ପକ୍ଷକୁ ନିର୍ଦ୍ଦେଶ ଦିଆଯିବା ପରେ ଉଭୟପକ୍ଷ ନିଜସ୍ୱ ବାଡ଼ିରେ ପୂଜା କରିଥିଲେ। ଚଳିତବର୍ଷ ଏହି ମଧୁ ପାର୍ବଣ ନିମନ୍ତେ ଜିଲା ପ୍ରଶାସନ ଉଭୟ ପକ୍ଷକୁ ଡାକି ସମସ୍ୟାର ସମାଧାନ ନିମନ୍ତେ ବୈଠକ କରିଥିଲେ ମଧ୍ୟ ଅଦ୍ୟାବଧି ସ୍ଥାୟୀ ସମାଧାନ ହୋଇପାରିନାହିଁ। ଅପରପକ୍ଷରେ ବାସନ୍ତୀ ପଡିଆରେ ପୂଜା ନିମନ୍ତେ ମୂର୍ତ୍ତି ନିର୍ମାଣ ଚାଲୁଥିବା ବେଳେ ପ୍ରଶାସନ ପକ୍ଷରୁ ନିର୍ମାଣ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ସଙ୍ଗୀନ ସ୍ଥିତିରେ ପ୍ରଶାସନ ପୂଜା ପାଇଁ ଅନୁମତି ନ ଦେଲେ ଉପୁଜିବାକୁ ଥିବା ଆଇନଶୃଙ୍ଖଳା ସ୍ଥିତି ପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ପୂଜା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ପୂଜା କମିଟିର ସଦସ୍ୟ ଶକ୍ତିପଦ ପରିଡା, ଦେବେନ୍ଦ୍ର ସେଠୀ, ଶିବଶଙ୍କର ସେଠୀ, ସୁଶାନ୍ତ ପରିଡା, ବନବିହାରୀ ସାମଲ, ଆଶିଷ ବିଶ୍ୱାଳ, ପରେଶ ପ୍ରଧାନ, ଲକ୍ଷ୍ମୀକାନ୍ତ ସେଠୀ, ପ୍ରଦୀପ ଦଳେଇ, ଲକ୍ଷ୍ମୀକାନ୍ତ ପରିଡା, ଅରୁଣ ପ୍ରଧାନ ଓ ରାମଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପୂଜା କମିଟି କର୍ମକର୍ତ୍ତା।

# ବାଲିଆପାଳ ବସ୍ତି ଜାମା ମସ୍‌ଜିଦରେ ସାମୂହିକ ନମାଜ ପାଠ



ବାହାରିଥିବା ଶୋଭାଯାତ୍ରା।

**ବାଲିଆପାଳ, ୨୧ ।୩ (ଗୋପାଳ ଚନ୍ଦ୍ର ସାହୁ):** ବାଲେଶ୍ୱର ଜିଲା ବାଲିଆପାଳ ସଂଖ୍ୟାଲଘୁ ସମ୍ପ୍ରଦାୟ ବସ୍ତିରେ ଶନିବାର ଇଦ୍–ଉଲ–ଫିତର୍ ପର୍ବ ଆନନ୍ଦ ଉଲାସରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଲିଆପାଳ ବସ୍ତି ଜାମା ମସଜିଦରେ ସାମୂହିକ ନମାଜପାଠ କରାଯାଇଥିଲା। ଏହାପରେ ଜାମା ମସ୍‌ଜିଦ ପରିସରରୁ ଏକ ଧାର୍ମିକ ଶୋଭାଯାତ୍ରା ବାହାରି ଜାମକୁଣ୍ଡା ଛକ, ବଜରଙ୍ଗବାଲି ଛକ, ପାରୁଳିଆ ଛକ, ବାଲିଆପାଳ ନୂଆ ବସ୍‌ଷ୍ଟାଣ୍ଡ ଦେଇ ବଦ୍ଦିରୋଦିନ ଶାହା ପୀର ବାବାଙ୍କ ଆସ୍ଥାନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପୀର ବାବାଙ୍କ ଉପରେ ମାନସିକଧାରୀମାନେ ଚାଦର ଚଢ଼ାଇ ଏକ ମାସ ଧରି ପାଳନ କରିଆସୁଥିବା ବ୍ରତ ସମୟରେ ଅଜାଣତରେ ଘଟିଥିବା ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା ସହିତ ନିଜର ଆତ୍ମୀୟସ୍ୱଜନମାନଙ୍କ ପାଇଁ ଦୋହା ମାଗିଥିଲେ। ବାଲିଆପାଳ ବସ୍ତିର ମୁଖିଆ ସେକ ଇମତାଜା ଅଲ୍ଲୀ, ରିୟାନୁ ଖାଁ, ବସ୍ତି କମିଟି ସାଧାରଣ ସମ୍ପାଦକ ଅବଦୁଲ ରେହେମାନ, ନାଜିର ଖାଁ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ନାଳରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଡେଙ୍କିକୋଟ,୨୧।୩(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ତରା ପଞ୍ଚାୟତ ବାଣେଶର ଗ୍ରାମ କୁମୁଡିଆ ନାଳରେ ଶୁକ୍ରବାର ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ବେଢ଼ାପାଳ ଗ୍ରାମର ଲୋକନାଥ ନାଏକ(୪୩)। ସେ ଗାଧୋଉଥିବା ବେଳେ ବୁଡ଼ିଯାଇଥିଲେ। ଘର ଲୋକ ଉଦ୍ଧାର କରି ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ଲୋକନାଥଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍ଆଇ ଅନୁପ ଲୁଗୁନ ଶନିବାର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଘଟଗାଁ ଥାନାରେ ଏକ ମାମଲା(ନଂ.୧୭/୨୬) ରୁଜୁ ହୋଇଛି।

### ମାନସିକ ବିକୃତ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ

ଆନନ୍ଦପୁର,୨୧।୩(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଖଲଣା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମାନସିକ ବିକୃତ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ତଦନ୍ତ କରୁଛି। ଅଭିଯୁକ୍ତ ସ୍ଥାନୀୟ ଖଲଣା ଗ୍ରାମର ବିଷ୍ଣୁ ରାଉତ (୩୨)। ଅଭଯୁକ୍ତ ବୁଧବାର ରାତିରେ ମାନସିକ ବିକୃତ ୧୫ ବର୍ଷିୟ ନାବାଳିକାଙ୍କୁ ଟେକିନେଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ରାମଚନ୍ଦ୍ରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନା ଅଧିକାରୀ ମନୋଜ ସ୍ୱାଇଁ ପୋକ୍ସୋ ଆଇନରେ ଏକ ମାମଲା(ନଂ. ୯୫/୨୬) ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛନ୍ତି।

### ଉତ୍କୃଷ୍ଟ ସେବା ପାଇଁ ଫରେଷ୍ଟର ସମ୍ମାନିତ

ବଞ୍ଚୋ,୨୧।୩(ପ୍ରଦୋଷ କୁମାର ବିଶ୍ୱାଳ): ଭୁବନେଶ୍ୱରରେ ବନ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବନ ଓ ବନ୍ୟପ୍ରାଣୀ ସୁରକ୍ଷା ଓ ପରିଚାଳନା କ୍ଷେତ୍ରରେ ଉତ୍କୃଷ୍ଟ ଓ ମେରିଟୋରିଅସ ସେବା ପାଇଁ କେନ୍ଦୁଝର ଜିଲା ହଦଗଡ଼ ରେଞ୍ଜରେ କାର୍ଯ୍ୟରତ ଫରେଷ୍ଟର ମଳୟ ସାହୁଙ୍କୁ ସର୍ଟିଫିକେଟ ଅଫ୍ ମେରିଟ ପ୍ରଦାନ କରାଯାଇଛି। ଲୋକ ସେବା ଭବନରେ ଆୟୋଜିତ ଗରିମାମୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ, ସଚିବ ଓ ପିସିସିଏଫଙ୍କ ଉପସ୍ଥିତିରେ ତାଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। ଫରେଷ୍ଟର ସାହୁ କେନ୍ଦୁଝର ୱାଇଲ୍ଡଲାଇଫ ଆନନ୍ଦପୁର ଡିଭିଜନରେ କାର୍ଯ୍ୟରତ ଥିବା ସମୟରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା, ପରିଚାଳନା ଏବଂ ଅବୈଧ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ରଖିଥିବାରୁ ଏହି ସମ୍ମାନ ପାଇଛନ୍ତି।

### ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ

କେନ୍ଦୁଝର,୨୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର କଣ୍ଢେଇ ଦିବସ ପାଳିତ ହୋଇଛି। ଏହି ଅବସରରେ ଅତିଥିଭାବେ ବିଦ୍ୟାଳୟ କମିଟିର ସଭାପତି ଆଖଣ୍ଡଳମଣି ବାରିକ, ସମ୍ପାଦକ ଜନ୍ମେଜୟ ସାହୁ, ଖବରଦାତା ଦୁର୍ଯ୍ୟୋଧନ ପାତ୍ର ଯୋଗଦେଇ କଣ୍ଢେଇ ଦିବସ ଶୁଭାରମ୍ଭ କରିଥିଲେ। ଏଥିରେ ଶିଶୁ ବାଟିକା ଆଧାରସ୍ତରର ୧୫୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ରହି ବିଭିନ୍ନ ଜୈବ ବିବିଧତା ଯୁକ୍ତ ଶିକ୍ଷଣୀୟ କଣ୍ଢେଇ ପ୍ରଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ସାହୁ, ଗାୟତ୍ରୀ ମହାନ୍ତ, ସାଗରିକା ସାହୁ, ଶର୍ମିଷ୍ଠା ମହାନ୍ତ, ସେବକ ସନ୍ତୋଷ ସାହୁ, ସେବିକା ସବିତା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ପ୍ରସ୍ତୁତି

ଯୋଡ଼ା,୨୧।୩(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା କୁନ୍ଦୁରୁନାଳାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ପାଳନ ନିମନ୍ତେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବିଦ୍ୟାଳୟର ପରିଚାଳନା ସମିତି ଉପ ସଭାପତି ସ୍ୱପ୍ନକାନ୍ତ ପ୍ରଧାନ, ସମ୍ପାଦକ ଅଭିଜିତ ମୁଖାର୍ଜୀ, ଡ଼. ଚନ୍ଦନ ବାରିକ, ସମ୍ଭାଗ ସଂଯୋଜକ କ୍ଷେତ୍ରମୋହନ ଦାଶ, ପ୍ରଧାନ ଆଚାର୍ଯ୍ୟ ଭଗବାନ ବର୍ଦ୍ଧନ ଉପସ୍ଥିତ ଥିଲେ। ସଙ୍କୁଳ ସଂଯୋଜକ ବିପିନ ବିହାରୀ ଖଣ୍ଡାୟୀ, ପୂର୍ବତନ ଛାତ୍ରୀଛାତ୍ର, ମାତୃ ଭାରତୀର ସମସ୍ତ ସଦସ୍ୟ, ଅଭିଭାବକ, ସଂଘ କର୍ମକର୍ତ୍ତା, ସମସ୍ତ ଗୁରୁମା, ଗୁରୁଜୀ ପ୍ରମୁଖ ଉପସ୍ଥିତ ଥିଲେ।।

# ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀଙ୍କୁ ଶୋଷଣ

## ବକେୟା ମଜୁରି ମିଳୁ ନ ଥିବା ଅଭିଯୋଗ

କେନ୍ଦୁଝର,୨୧।୩(ଦୀପକ ମିଶ୍ର)

କେନ୍ଦୁଝର ସହରରେ ଥିବା ବହୁ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର, ଡାଇଗ୍ନୋଷ୍ଟିକ୍ ସେଣ୍ଟର, ଘରୋଇ କ୍ଲିନିକ୍‌ରେ କର୍ମଚାରୀଙ୍କୁ ଶୋଷଣ କରାଯାଉଛି। ଏପରିକି ସର୍ବନିମ୍ନ ମଜୁରି ମିଳୁ ନ ଥିବା ବେଳେ ଠିକ୍ ସମୟରେ ମଧ୍ୟ ପାରିଶ୍ରମିକ ମିଳୁନାହିଁ। ଏ ନେଇ ଅଭିଯୋଗ କଲେ ଚାକିରିରୁ ବିଦାହେବାକୁ ପଡୁଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ସାମନ୍ତରାୟପୁର ଶାସନର ପଠୁ ନାଏକ ଅନନ୍ତ ହେଲ୍‌ଥ କେୟାରରେ ପୂର୍ବରୁ କାର୍ଯ୍ୟ କରୁଥିଲେ। ସର୍ବନିମ୍ନ ମଜୁରି ତ ଦୂରର କଥା ନିୟମିତ ବ୍ୟବଧାନରେ ଦରମା ମଧ୍ୟ ମିଳୁ ନ ଥିଲା। ୩ ମାସର ପ୍ରାପ୍ୟ ମାଗିବାରୁ ଚାକିରିରୁ ବିଦା କରିଦିଆଯାଇଥିବା କହିଛନ୍ତି। ସେ ୨ରୁ ୩ ଥର ଶ୍ରମ ବିଭାଗ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଯାଇଥିଲେ। ଅଧିକାରୀଙ୍କ ସାକ୍ଷାତ ନ ପାଇ ଫେରିଆସିଥିବା କହିଛନ୍ତି। ଆର୍ଥିକ ସମ୍ବଳ ଅଭାବ,ଆଇନଗତ ପ୍ରକ୍ରିୟା ସମ୍ପର୍କରେ ଅବଗତ ନ ଥିବାରୁ ଚୁପ୍ ରହିଥିବା କହିଛନ୍ତି। ଅଭିଯୋଗ ସମ୍ପର୍କରେ ଅନନ୍ତ ହେଲ୍‌ଥ କେୟାରର ସ୍ୱତ୍ୱାଧିକାରୀ ଶିବଶଙ୍କର ପୁହାଣ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି। ଉକ୍ତ କର୍ମଚାରୀ ଜଣକ ଅଳ୍ପ କିଛି ମାସ କାର୍ଯ୍ୟ କରିଥିଲେ। ତାଙ୍କର କାର୍ଯ୍ୟରେ ଅସନ୍ତୋଷ ହୋଇ ତାଙ୍କୁ ବାହାର କରିବାକୁ ପଡ଼ିଥିଲା। ସେ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଥିଲେ।

ଅନ୍ୟପକ୍ଷରେ, ଅଧିକାଂଶ ବେସରକାରୀ ହସ୍ପିଟାଲ ଏବଂ ଡାଇଗ୍ନୋଷ୍ଟିକ ସେଣ୍ଟରଗୁଡ଼ିକର ଶ୍ରମ ବିଭାଗର ଲାଇସେନ୍ସ ନ ଥିବା ଜଣାପଡ଼ିଛି। ଏପରିକି ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଠିକ୍‌ଭାବରେ ମଜୁରି ମିଳୁନାହିଁ। କର୍ମଚାରୀମାନେ ପ୍ରତିବାଦ କଲେ ଚାକିରି ଯିବା ଭୟ ରହୁଛି। ଇପିଏଫ୍ ଏବଂ ଇଏସ୍ଆଇ ମଧ୍ୟ କଟାଯାଉ ନାହିଁ। ଏପରିକି କେତେକ ହସ୍ପିଟାଲ ବର୍ଜ୍ୟଜଳ ବିଶୋଧନ ନ କରି ସିଧାସଳଖ ଡ୍ରେନ୍‌ରେ ଛାଡୁଛନ୍ତି। ଏଥିସହ ଆୟକଟ ଭାଙ୍ଗୁଥିବା ଅଭିଯୋଗ ହେଉଛି। ଶ୍ରମ ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହାର ଯାଞ୍ଚକରି ପଦକ୍ଷେପ ନେବାକୁ ଦାବି ହୋଇଛି। ଜିଲା ଶ୍ରମ ଅଧିକାରୀ ଆକାଶ ବିଶୋଇ କହିଛନ୍ତି, ଗୋଟିଏ, ୨ଟି ଘରୋଇ ହସ୍ପିଟାଲ ଶ୍ରମ ବିଭାଗରେ ପଞ୍ଜୀକରଣ କରିଛନ୍ତି। ଅଭିଯୋଗର ଯାଞ୍ଚ କରାଯିବ ବୋଲି କହିଥିଲେ।

# ଜାତୀୟ ରାଜପଥରେ ସିରିଜ୍ ଦୁର୍ଘଟଣା



ଡିଭାଇଡର ଉପରେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

ପାଟଣା,୨୧।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ହାତିବାରି ନିକଟରେ ଶନିବାର ଅପରାହ୍ଣରେ ସିରିଜ ଦୁର୍ଘଟଣା ଘଟିଛି। ଏକ ଟ୍ରେଲର ଭାରସାମ୍ୟ ହରାଇ ଡିଭାଇଡର ଉପରକୁ ଚଢ଼ି ଯାଇଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ୨ଟି ଟ୍ରକ୍‌କୁ ଟ୍ରେଲର ଧକ୍କା ଦେଇଥିଲା। ଦୁର୍ଘଟଣାରେ ଟ୍ରେଲର ଡ୍ରାଇଭର ଗାଡ଼ି ଭିତରେ ଚାପି ହୋଇ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ପରେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ହଟାଇ ଗାଡ଼ି ଚଳାଚଳ ସ୍ୱାଭାବିକ କରିଛି।

# ମୁସଲମାନ ସମ୍ପ୍ରଦାୟର ଇଦ୍ ପାଳିତ



ଇଦ୍ ଅବସରରେ ମୁସଲିମ୍ ସମ୍ପ୍ରଦାୟର ଲୋକେ ଏକାଠି ହୋଇଛନ୍ତି।

ଡେଙ୍କିକୋଟ,୨୧।୩(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଡେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ସାନ୍ତରାପୁର ମୁସ୍‌ଲିମ ବସ୍ତିରେ ଶନିବାର ଇଦ୍-ଉଲ୍-ଫିତର ପର୍ବ ଧୁମଧାମରେ ପାଳନ ହୋଇଛି। ସାନ୍ତରାପୁର ମୁସ୍‌ଲିମ କମିଟି ତରଫରୁ ମସ୍‌ଜିଦ୍‌ରେ ୨୦୦ରୁ ଊର୍ଦ୍ଧ୍ୱ ସମୂହ ନମାଜ ପାଠ କରିଥିଲେ। ମୌଲବୀ ଏସ୍‌କେ ଇର୍‌ଫାନ କୋରାନ ପାଠ କରିଥିଲେ। ପରେ ପରସ୍ପରକୁ ଆଲିଙ୍ଗନକରି ଇଦ୍ ମୁବାରକ ବୋଲି କହିଥିଲେ। ମୁସ୍‌ଲିମ କମିଟିର ସକ୍ରିୟ ସଦସ୍ୟ ଏସ୍‌କେ ଇମ୍ରାନ, ଏମ୍‌ଡି ଜାବେର, ଏମ୍‌ଡି ରୋଫିଗ, ଏମ୍‌ଡି ସାଦିକ, ସେକ୍ ମୁଜାଫର ହାସିବୁଲ, ସର୍ଦ୍ଦାର ଏସ୍‌କେ ତାହିର ପ୍ରମୁଖ କାର୍ଯ୍ୟ ତଦାରଖ କରିଥିଲେ।

ସେହିପରି ଡେଙ୍କିକୋଟ ମୁସ୍‌ଲିମ ବସ୍ତିରେ ମସ୍‌ଜିଦର ମୌଲବୀ ମୌଲାନା ହାଫିଜ ମୋହତସୀମ ବସ୍ତିର ସମସ୍ତ ଉପାସକଙ୍କୁ ସମୂହ ନମାଜ ପାଠ କରାଇଥିଲେ। ମସ୍‌ଜିଦ୍‌ରୁ ବାହାରିବା ପରେ ସମସ୍ତେ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ସର୍ଦ୍ଦାର ମହମ୍ମଦ ମମତାଜ, ଫୈଜୁଲ, ଆରିଫ, ତାରିଖ, ୱାଏସ୍, ମୁଜାମିଲ ପ୍ରମୁଖ ସହଯୋଗ କରିଥିଲେ।

## ପଶ୍ଚିମବଙ୍ଗ ନିର୍ବାଚନୀ ଦାୟିତ୍ୱରେ ଆନନ୍ଦପୁର ନେତା

ହାଟଡ଼ିହୀ,୨୧।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରର ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ ଏବଂ ଜିଲା ଭାଜପା ଉପ ସଭାପତି ତଥା ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସିଂହାର ପଶ୍ଚିମବଙ୍ଗ ନିର୍ବାଚନ ଦାୟିତ୍ୱରେ ସାମିଲ ହୋଇଛନ୍ତି। ଆସନ୍ତା ଅପ୍ରେଲରେ ନିର୍ବାଚନ ହେବାକୁ ଥିବା ବେଳେ ଜ୍ଞାନ ଏବଂ ଆଲୋକ ଉଭୟ ଦଳର ସାଙ୍ଗଠନିକ ଏବଂ ପ୍ରଚାର ଦାୟିତ୍ୱରେ ଅଛନ୍ତି। ଜ୍ଞାନ କହିଛନ୍ତି, ସେ ପଶ୍ଚିମ ମେଦିନୀପୁର ଜିଲା ଅନ୍ତର୍ଗତ ଘଟଲ ସାଂଗଠନିକ ଜିଲାର ଦାସପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଏବଂ ପ୍ରଭାରୀ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଆଲୋକ ମନ୍ଦିର ବଜାର ୧୩୫ ନିର୍ବାଚନ ମଣ୍ଡଳୀର ସାଂଗଠନିକ ଦାୟିତ୍ୱରେ ଥିବା କହିଛନ୍ତି। ଭାଜପାର ସ୍ଥିତି ଯଥେଷ୍ଟ ମଜଭୁତ ଥିବା ଏବଂ ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟୀ ହେବେ ବୋଲି ଉଭୟ ପ୍ରକାଶ କରିଛନ୍ତି।

# ୨ ଅଧିକାରୀଙ୍କୁ ଦାୟିତ୍ୱ

## ହାଟଡ଼ିହୀ ତହସିଲରେ ତହସିଲଦାର ନ ଥିବା ପ୍ରସଙ୍ଗ

ବଞ୍ଚୋ,୨୧।୩(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ହାଟଡ଼ିହୀ ତହସିଲ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ସ୍ଥାୟୀ ତହସିଲଦାର ନ ଥିବାରୁ ସାଧାରଣ ଲୋକେ ସମସ୍ୟାରେ ପଡୁଥିଲେ। ବିଶେଷକରି ଜମି ରେଜିଷ୍ଟ୍ରି (କବଲା) ଓ ଅନ୍ୟାନ୍ୟ ତହସିଲ ସମ୍ବନ୍ଧୀୟ କାମ ସମ୍ପନ୍ନ ହୋଇପାରୁ ନ ଥିବାରୁ ଲୋକେ ହଇରାଣ ହେଉଥିଲେ। ଏ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଲୋକେ ପୋଷ୍ଟ କରିଥିଲେ। ଫଳରେ ଶନିବାର ୨ ଜଣ ଅଧିକାରୀ ଅସ୍ଥାୟୀ ଭାବେ ନିଯୁକ୍ତ ଦିଆଯାଇଛି।

ସୂଚନା ଅନୁସାରେ, ବର୍ତ୍ତମାନ ଆନନ୍ଦପୁର ତହସିଲର ଅତିରିକ୍ତ ତହସିଲଦାର ମନୋଜ କେରକେଟ୍ଟା ଅସ୍ଥାୟୀ ଭାବେ ହାଟଡ଼ିହୀ ତହସିଲର ଦାୟିତ୍ୱ ନିର୍ବାହ କରୁଥିଲେ। ସେହିପରି ହାଟଡ଼ିହୀ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ମଧ୍ୟ ସ୍ୱତନ୍ତ୍ର ସବ୍-ରେଜିଷ୍ଟ୍ରାର ନ ଥିବାରୁ ଏହି ଦାୟିତ୍ୱ ମଧ୍ୟ ତହସିଲଦାରଙ୍କ ଉପରେ ପଡ଼ିଥିଲା। ଫଳରେ ଜମି କବଲା କାମ ଦୀର୍ଘଦିନ ଧରି ଅଟକି ରହିଥିବାରୁ ଲୋକମାନେ ଅନ୍‌ଲାଇନରେ ବାରମ୍ବାର ସ୍ଲଟ୍ ବୁକିଂ କରିଥିଲେ ମଧ୍ୟ କାମ ହେଉ ନ ଥିଲା। ସମସ୍ୟାକୁ ନେଇ ସାଧାରଣ ଲୋକେ ହାଟଡ଼ିହୀ ତହସିଲ ପାଇଁ ଜଣେ ସ୍ଥାୟୀ ତହସିଲଦାର ଏବଂ ସ୍ୱତନ୍ତ୍ର ସବ୍-ରେଜିଷ୍ଟ୍ରାର ନିଯୁକ୍ତି ଦାବି କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ଆନନ୍ଦପୁର ଉପ ଜିଲାପାଳ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ସଞ୍ଜୟ ସାମନ୍ତରାୟ ଏବଂ ବଡ଼ବିଲ ତହସିଲର ଅତିରିକ୍ତ ତହସିଲଦାର ଜନ୍‌ସନ୍ କିଣ୍ଡୋଙ୍କୁ ସାଧାରଣ ଲୋକସେବାର ଆବଶ୍ୟକତା ଦୃଷ୍ଟିରେ କ୍ରମଶଃ ହାଟଡ଼ିହୀ ତହସିଲଦାର ଓ ଅତିରିକ୍ତ ତହସିଲଦାର ଭାବେ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି।

# ପ୍ରଥମ ଶ୍ରେଣୀ ଛାତ୍ରକୁ ରାଗିଂ

## ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ଡେଙ୍କିକୋଟ/ ପାଟଣା/ କେନ୍ଦୁଝର,୨୧।୩(ନୀଳମଣି ମଣ୍ଡଳ/ ବୀର କିଶୋର ଦାଶ/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଡେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ତୋରାଣୀପୋଖରୀ ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ରାଗିଂ ହୋଇଛି। ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ଉପର ଶ୍ରେଣୀର ଛାତ୍ରମାନେ ମାଡ଼ ମାରିବା ସହ ଗୁପ୍ତାଙ୍ଗରେ ରଶି ବାନ୍ଧିଥିବା ଅଭିଯୋଗ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଶୁକ୍ରବାର ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ପ୍ରକାଶ ଯେ, ବିଦ୍ୟାଳୟରେ ସ୍ୱଳ୍ପବ୍ୟୟ ଛାତ୍ରାବାସରେ ରହୁଥିବା ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ତୃତୀୟ ଓ ଚତୁର୍ଥ ଶ୍ରେଣୀର କେତେଜଣ ଛାତ୍ର କୌଣସି କାମରେ ଡାକିଥିଲେ। ପ୍ରଥମ ଶ୍ରେଣୀ ଛାତ୍ର ଶୁଣି ନ ଥିଲେ। ଫଳରେ ସେ ଶୋଇପଡ଼ିବା ପରେ ଉପର ଶ୍ରେଣୀର ଛାତ୍ରମାନେ ତାଙ୍କୁ ମାଡ଼ ମାରିବା ସହ ଗୁପ୍ତାଙ୍ଗରେ ରଶି ବାନ୍ଧି ଦେଇଥିଲେ। ଛାତ୍ର ଜଣକ ଗୁରୁତର ହୋଇପଡ଼ିଥିବା ବେଳେ ଖବର ପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଓଝା ତୋରାଣୀପୋଖରୀରେ ଥିବା ଏକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଛାତ୍ରଙ୍କ ବାପାଙ୍କୁ ଡାକି ଶୁକ୍ରବାର ପାଟଣା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଦେଖି ଛାତ୍ର ଅବସ୍ଥା ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଏ ନେଇ ଛାତ୍ରଙ୍କ ବାପା ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୧୯୩/୨୬) ରୁଜୁ କରି ଘଟଣାର ତଦନ୍ତ କରୁଛି। ଘଟଣା ସମ୍ପର୍କରେ ତୋରାଣୀପୋଖରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଓଝା, ଘଟଗାଁ ଶିକ୍ଷା ଜିଲା ଅଧିକାରୀ ହରେକୃଷ୍ଣ ନାୟକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ମୋବାଇଲ ଫୋନ ଉଠାଇ ନ ଥିଲେ। ଘଟଗାଁ ବିଡ଼ିଓ ଖଗେଶର ବରାଳ କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ନ ଥିବା ପ୍ରକାଶ କରିବା ସହ ଅଧିକାରୀ ଡବ୍ଲ୍ୟୁଇଓ ଙ୍କୁ ପଠାଇ ଘଟଣାର ତଦନ୍ତ କରିବେ ବୋଲି କହିଥିଲେ। ବର୍ତ୍ତମାନ ଛାତ୍ର ଜଣଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଘଟଣା ଆଗକୁ ନ ବଢ଼ାଇବା ପାଇଁ ଛାତ୍ରଙ୍କ ବାପା କହିଥିବା ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା ପ୍ରକାଶ କରିଛନ୍ତି।

## ଡିଏମ୍ଏଫ ଉଦ୍ୟମୀ ସଚେତନତା ରଥର ଶୁଭାରମ୍ଭ

ବଡଳା,୨୧।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ଉଦ୍ୟମତାକୁ ପ୍ରୋତ୍ସାହନ ଦେବା ସହିତ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ଡିଏମ୍ଏଫ ଉଦ୍ୟମୀ ସଚେତନତା ରଥର ଶନିବାର ଶୁଭାରମ୍ଭ କରାଯାଇଛି। ରଥକୁ ହାଟଡ଼ିହୀ ବ୍ଲକ୍‌ର ବିଡ଼ିଓ ରଞ୍ଜନ ପରିଡ଼ା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଏଲ୍ଏମ୍ ଅଧିକାରୀ ବିଶ୍ୱଭୂଷଣ ବାବୁ, ଜିପିଡିଓ ଦେବଜ୍ୟୋତି ବାବୁ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟରତ ନିହାର(ବିପିଓ), ଉଦ୍ୟମୀ ସାଥି ସତ୍ୟବ୍ରତ ବଳିଆରସିଂ ଉପସ୍ଥିତ ରହିଥିଲେ। ଏହି ସଚେତନତା ରଥ ମାଧ୍ୟମରେ ସ୍ୱୟଂ ରୋଜଗାର ସୁଯୋଗ, ବିଭିନ୍ନ ସରକାରୀ ଯୋଜନା ଓ ଆର୍ଥିକ ସହାୟତା ବିଷୟରେ ଲୋକଙ୍କୁ ସୂଚନା ପ୍ରଦାନ କରାଯାଇଛି। ଏହି ପ୍ରୟାସ ଦ୍ୱାରା ଅଞ୍ଚଳରେ ଉଦ୍ୟମିତା ଉନ୍ନତି ହେବା ସହିତ ଯୁବକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟିହେବ ବୋଲି ଆଶା ରଖାଯାଇଛି।

# ଆନ୍ତଃରାଜ୍ୟ ଫ୍ଲଡ୍ ଲାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଆନନ୍ଦପୁର,୨୧।୩(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ତରିମୂଳ ମା' ମଙ୍ଗଳା କ୍ରିକେଟ୍ କ୍ଲବ୍ ପକ୍ଷରୁ ଶୁକ୍ରବାର ଆନ୍ତଃରାଜ୍ୟ ଫ୍ଲଡ୍ ଲାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଘସିପୁରା ବିଡ଼ିଓ ବିନିତା ବିଜୟିନୀ, ସ୍ୱତନ୍ତ୍ର ଅତିଥିଭାବେ କଳିଙ୍ଗ ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ଡ. ଆଲେଗଜାଣ୍ଡର ଦାସ, ସମ୍ମାନିତ ଅତିଥିଭାବେ ଆଶାଘର ଫାଉଣ୍ଡେଶନର ଅଧ୍ୟକ୍ଷ ଆଶିଷ ଦାସ, ଶିକ୍ଷକ ଦିଲୀପ ରାଉତ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୋଟ ୧୬ ଗୋଟି କ୍ରିକେଟ୍ ଟିମ୍‌କୁ ନେଇ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିବା ବେଳେ ରବିବାର ଉଦଯାପନୀ ହେବା ନେଇ ସୂଚନା ମିଳିଛି।

## ମଦ୍ୟପାନ କରି ଗାଡ଼ି ଚଳାଇଲେ କାର୍ଯ୍ୟାନୁଷ୍ଠାନ

### ସ୍ୱଚ୍ଛ ସବାରୀ କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର

କେନ୍ଦୁଝର,୨୧।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ ପୌରପାଳିକା ସଭାଗୃହରେ ସ୍ୱଚ୍ଛ ସବାରୀ କର୍ମଚାରୀଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ ନାୟକ ଉଦ୍‌ଘାଟନ କରି ପୌରପାଳିକାରେ ୧୫ଟି ସ୍ୱଚ୍ଛ ସବାରୀ ଗାଡ଼ି ଚାଲୁଥିବା ବେଳେ ୩୦ଜଣ କର୍ମଚାରୀ କାମ କରୁଛନ୍ତି। ପ୍ରତ୍ୟେକ ଗାଡ଼ିରେ ଜଣେ ଡ୍ରାଇଭର, ଜଣେ ହେଲପର ରହୁଛନ୍ତି। ଡ୍ୟୁଟି ଯିବା ପୂର୍ବରୁ ଏବଂ ଆସିବା ପରେ ଡ୍ରାଇଭର ଏବଂ ହେଲପର ମଦ ପିଇଛନ୍ତି କି ନାହିଁ ପରୀକ୍ଷା କରାଯିବ। ଯଦି କେହି କର୍ମଚାରୀ ମଦ ପିଇଥିବେ, ସେମାନଙ୍କୁ ତୁରନ୍ତ କାର୍ଯ୍ୟରୁ ବାହାର କରାଯିବ। ଡ୍ୟୁଟି ସମୟରେ ଘରକୁ ଘର ବୁଲି ଶୃଙ୍ଖଳା ଏବଂ ଓଦା ଅଳିଆ ଆବର୍ଜନା ସଂଗ୍ରହ ବେଳେ ଲୋକମାନେ ଠିକ ଭାବେ ପୃଥକୀକରଣ କରି ଦେଉଛନ୍ତି କି ନାହିଁ ତାହା ଦେଖିବେ ଏବଂ ପୃଥକୀକରଣ କରି ଦେବାକୁ କହିବେ। ଶାରୀରିକ ଅକ୍ଷମ କିମ୍ବା ବୃଦ୍ଧା, ବୃଦ୍ଧଙ୍କୁ ସହାୟତା ପ୍ରଦାନ କରିବାକୁ ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଉତ୍ତମ ସେବା ଏବଂ ଉତ୍ତମ ବ୍ୟବହାର ଦେଇ କାମ କରିଥିବା କର୍ମଚାରୀଙ୍କୁ ସ୍ୱାୟତ୍ତ ଶାସନ ଦିବସରେ ସମ୍ବର୍ଦ୍ଧିତ କରାଯିବ। ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ହୋଟେଲ ନିର୍ଦ୍ଧାରିତ ଡଷ୍ଟବିନ୍‌ରେ ଅଳିଆ ଆବର୍ଜନ ନ ପକାଇଲେ ସ୍ୱଚ୍ଛ ସବାରୀ କର୍ମଚାରୀ ଉପରସ୍ଥ ଅଧିକାରୀଙ୍କୁ ଅବଗତ କରିବେ ବୋଲି କୁହାଯାଇଥିଲା। ଶିବିରରେ କେନ୍ଦୁଝରଗଡ଼ ପୌରପାଳିକାର ସାନିଟାରୀ ଇନ୍ସପେକ୍ଟର ପ୍ରମୋଦ ପଟ୍ଟନାୟକ, ମ୍ୟୁନିସିପାଲଟି ଇଞ୍ଜିନିୟର ଭକ୍ତବନ୍ଧୁ ମହାନ୍ତ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା(ଡୁଡା)ର ଟିମ୍ ଲିଡ଼ର ସୁମିତ୍ର ମହାନ୍ତି, ସହକାରୀ ଯନ୍ତ୍ରୀ ପ୍ରଦୀପ ପଣ୍ଡା, ସଦର ବିଧାୟକଙ୍କ ପ୍ରତିନିଧି ସତ୍ୟ ନାରାୟଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା: ମାରୁତି କ୍ଲବ୍ ଚାମ୍ପିୟନ




ଟ୍ରଫି ସହ ବିଜେତା ଦଳର ଖେଳାଳିମାନେ।

ଯୋଡ଼ା,୨୧।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଉଈବାଲି ଲୌହଖଣି ଅଞ୍ଚଳରେ ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ପ୍ରଥମ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିବସୀୟ ଟୁର୍ନାମେଣ୍ଟରେ ନିକଟବର୍ତ୍ତୀ ବଳଦା ଓ ପଳସା ପଞ୍ଚାୟତ ଅଧୀନସ୍ଥ ଆଖପାଖ ଗାଁର ୮ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ମାରୁତି କ୍ଲବ୍, ବାମେବାରୀ ଓ ମା'ତାରିଣୀ କ୍ଲବ, ଉଈବାଲି ମଧ୍ୟରେ ଖେଳାଯାଇଥିଲା। ମାରୁତି କ୍ଲବ ୧-୦ ଗୋଲରେ ମା'ତାରିଣୀ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି।

ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ଅନ୍ୟମାନଙ୍କ ମଧ୍ୟରେ ବଡ଼ବିଲ ଓଡ଼ିଶା ଖଣି ନିଗମ ଆଞ୍ଚଳିକ ପ୍ରବନ୍ଧକ ପ୍ରଦ୍ୟୁମ୍ନ ନାୟକ, ଉଈବାଲି ଖଣି ପ୍ରବନ୍ଧକ ବିକାଶ ଚନ୍ଦ୍ର ପରିଡ଼ା, ବଳଦା ସରପଞ୍ଚ ବରୁଣ ନାୟକ, ପଳସା ସରପଞ୍ଚ ଅରୁଣ ମୁଣ୍ଡା ଯୋଗଦେଇଥିଲେ। ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟର ସିଏସ୍ଆର ପରାମର୍ଶଦାତା ନୂତନ କୁମାର ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ଉପହାର ପ୍ରଦାନ କରାଯାଇଥିଲା।

## ଅଟୋ ଓଲଟି ୨ ଗୁରୁତର

### ମହାନତା ଦେଖାଇଲେ ଖବରଦାତା

ଯୋଡ଼ା,୨୧।୩(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ସାଇ ମନ୍ଦିର ଛକଠାରେ ଶୁକ୍ରବାର ମଧ୍ୟ ରାତ୍ରୀରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସେଥିରେ ବସିଥିବା ୭ ଜଣଙ୍କ ମଧ୍ୟରୁ ୨ ମାସର ଶିଶୁ ଓ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଚମ୍ପୁଆ ଘାଗରବେଡ଼ା ଅଞ୍ଚଳର ଏକ ପରିବାରର ଖୁଣ୍ଟ ପାଣି ଅଞ୍ଚଳକୁ ଶୁଦ୍ଧି କ୍ରିୟା ନିମନ୍ତେ ଆସି ଫେରୁଥିଲେ। ଅଟୋଟି ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଥିଲା। ଖବର ପାଇ ଯୋଡ଼ାର ଯୁବ ଖବରଦାତା ସମୀର ଦାସ ପହଞ୍ଚି ନିଜ କାର ଯୋଗେ ଆହତଙ୍କୁ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅଟୋ ଡ୍ରାଇଭର ରଜତ ହେସା ଆହତ ହୋଇଥିବା ବେଳେ ଅଟୋରେ ବସିଥିବା ବିରଞ୍ଚି ହେସାଙ୍କ ଗୋଡ ଭାଙ୍ଗି ଯାଇଥିବାରୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରୁଛି।

